## ସଂକ୍ଷେପରେ



### ବାଜପେୟୀଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମ

**ଗୁଣପୁର,୨୭।୮(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁରଠାରେ ଭୂତପୂର୍ବ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମ ସୋମବାର ପାଳିତ ହୋଇଯାଇଛି । ଏଥିଲାଗି ନୂତନ ବସଷ୍ଟାଣ୍ଡଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ୪ ପ୍ରହର ନାମ ଯଜ୍ଞ ହେବା ସହ ଅନ୍ନ ଯଜ୍ଞ ହୋଇଥିଲା । ସନ୍ଧ୍ୟାରେ ସଭା ଆୟୋଜନ ହୋଇଥିଲା। ତ୍ରିପତି ମହାନ୍ତି ଏବଂ ନବୀନ ରଥ ଗୀତା ପାଠ କରିଥିଲେ ।

ଉପଜିଲାପାଳ ଅମ୍ରିତ ଋତୁରାଜ ମୁଖ୍ୟଅତିଥି, ଆରଏସଏସର ଜିଲା ସମ୍ପର୍କ ପ୍ରମୁଖ ଗଣେଶ ମାଳି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅଟଳବିହାରି ସ୍ମୃତି କମିଟି ଗଠନ କରାଯାଇଥିଲା । ସୂର୍ଯ୍ୟ ନାରାୟଣରଥ, ଏସ.ଗଣପତି ରାଓ, ଅମ୍ବିକାରାଣୀ ମହାପାତ୍ର, ପୁଷ୍ପାଞ୍ଜଳି ମୁଛିକା, ସୋମନାଥ ଗୌଡ, ରାଧାକୃଷ୍ଣ ପଟ୍ଟନାୟକ, ପ୍ରମୁଖ ରହିଥିବାବେଳେ ଚିନ୍ମୟୀ ପାଣିଗ୍ରାହୀ ସଂଯୋଜକ ରହିଥିଲେ । ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁଛିକା,ଉମା ଶଙ୍କର ଦାସ, ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ବି.ସତିଶ କୁମାର, ବସନ୍ତ ମିଶ୍ର, ପ୍ରମୋଦ ସାହୁ, ପ୍ରଭାତ ମହାପାତ୍ର, ନୁନୁପାଢୀ, ଅନିଲ ସାହୁକାର, ପ୍ରେମ ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

■ଭୁବନେଶ୍ୱରରେ ହେଲା ଉଚ୍ଚସ୍ତରୀୟ ଆଲୋଚନା

# କମ୍ପାନୀ ପୂରଣ କରିବ ୩ ଦାବି

**ଜେକେପୁର,୨୭।୮(ଡ଼ି.ଏନ.ଏ)**

■ଜେକେ କାଗଜକଳ ଶ୍ରମିକ ଅଶାନ୍ତି
■୭ ଦିନ ମଧ୍ୟରେ ପୂରଣ ହେବ ଦାବି
■ଦାବି ପୂରଣ ହେବା ପର୍ଯ୍ୟନ୍ତ ଚାଲିବ ଆନ୍ଦୋଳନ

ରାୟଗଡ଼ା ଜିଲା କେକେ କାଗଜକଳରେ ଶ୍ରମିକ ଅଶାନ୍ତି ଲାଗି ରହିଛି । ଶ୍ରମିକ ସଂଗଠନ ୧୪ ଦଫା ଦାବି ନେଇ ୪ ଦିନ ହେଲା କମ୍ପାନୀ ସମ୍ମୁଖରେ ଆନ୍ଦୋଳନ ଚଳାଇଛି। ପ୍ରଶାସନର ହସ୍ତକ୍ଷେପରେ ସୋମବାର ଭୁବନେଶ୍ୱର ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ା ଜିଲା ଅତିରିକ୍ତ କମିଶନର ଉଭୟ ପକ୍ଷଙ୍କୁ ଡ଼କାଇଥିଲେ । ଏହି ବୈଠକରେ ଶ୍ରମ ଆୟୁକ୍ତ ଏ.କେ ମଣି ଅଧ୍ୟକ୍ଷତା କରିଥିଲେ । ଶ୍ରମିକ ସଂଗଠନର ୧୪ଟି ଦାବି ମଧ୍ୟରୁ ୩ଟି ପ୍ରମୁଖ ଦାବିକୁ ଜେକେ କାଗଜକଳ କର୍ତ୍ତୃପକ୍ଷ ମାନି ନେଇଥିବା ଚନ୍ଦନା ହରେନ୍ଦ୍ରନାଥ ଜଣାଇଛନ୍ତି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ମଜୁରି ପ୍ରଦାନ, ଶ୍ରମ ବିଭାଗ ଦ୍ୱାରା ସ୍ଥିରିକୃତ ବୈଧାନିକ ଲାଭଗୁଡ଼ିକୁ ଶ୍ରମିକମାନଙ୍କୁ ପ୍ରଦାନ,ଜିଲା ଶ୍ରମ ଆୟୁକ୍ତ ଓ ଅତିରିକ୍ତ ଶ୍ରମ ଆୟୁକ୍ତଙ୍କ ମଧ୍ୟସ୍ଥତାରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଶ୍ରମିକମାନଙ୍କ ମଜୁରି ନିର୍ଦ୍ଧାରଣ ଦାବିକୁ କମ୍ପାନୀ ମାନି ନେଇଛନ୍ତି । ଶ୍ରମ କମିଶନରଙ୍କ ନିର୍ଦ୍ଦେଶ ମୁତାବକ ଆସନ୍ତା ୭ ଦିନ ମଧ୍ୟରେ ଶ୍ରମିକ ସଂଗଠନର ଦାବି ପୂରଣ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଜେକେ ଲୋକ ସମ୍ପର୍କ ଅଧିକାରୀ ସୁନିଲ କୁମାର ନାଥ ଜଣାଇଛନ୍ତି । ଦାବି ପୂଣ ନ ହେବା ପର୍ଯ୍ୟନ୍ତ ଏବଂ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ଯାଏଁ ଶ୍ରମିକ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରମିକ ସଂଗଠନର ନେତୃବୃନ୍ଦ ଜଣାଇଛନ୍ତି । ଏହି ବୈଠକରେ ଜେକେ କାଗଜକଳର ମୁଖ୍ୟ ନିର୍ବାହୀ ଉପସଭାପତି ପବନ କୁମାର ସୁରୀ, ମାନବ ସମ୍ବଳ ବିଭାଗ ଉପସଭାପତି ଅନିଲ ଦିକ୍ଷିତ୍, ଶିଳ୍ପ ସମ୍ପର୍କ ବିଭାଗ ସାଧାରଣ ପ୍ରବନ୍ଧକ କେ.କେ. ନାୟକ,ଶ୍ରମିକ ସଂଗଠନ ତରଫରୁ ସିଟୁର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଜନାର୍ଦ୍ଦନ ପତି ପ୍ରମୁଖ ଭାଗ ନେଇଥିଲେ ।



ବୈଠକରେ ଆଲୋଚନା କରାଯାଉଛି ।

# ପିକ୍‌ଅପ୍-ବାଇକ୍ ଧକ୍କା: ଜଣେ ଆହତ

**ନନ୍ଦପୁର, ୨୭।୮(ଡି.ଏନ୍.ଏ.)**

କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ ଦୁଷରା ଗାଁ ନିକଟରେ ସୋମବାର ଏକ ପିକ୍‌ଅପ୍ ଭ୍ୟାନ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଅଞ୍ଚଳର ସୁବାଷ ନନ୍ଦି ଅଲ୍ଲୀ। ପିକ୍‌ଅପ୍ ଭ୍ୟାନଟିକୁ ଆନ୍ଧ୍ରରୁ ଚୋରୀ କରାଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ଆନ୍ଧ୍ରରୁ ଚୋରୀ ହୋଇଥିବା ପିକ୍‌ଅପ୍ ଭ୍ୟାନ(ଏପି୩୧-ଟିସି-୨୪୯୧) ସେମିଳିଗୁଡା ଅଭିମୁଖେ ଯାଉଥିବା ସମୟରେ ବିପରୀତ ଦିଗରୁ ନିଜ ବାଇକ୍ (ଓଡି୨୪-୬୬୬୨)ଯୋଗେ ଆସୁଥିବା ସୁବାଷଙ୍କୁ ଧକ୍କା ଦେଇଥିଲା । ଫଳରେ ସୁବାଷ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଖବର ପାଇ ନନ୍ଦପୁର ଆଇଆଇସି ଚନ୍ଦ୍ର ଶେଖର ଶବର, ଏସ୍‌ଡିପିଓ ଟିକେ ମହାନନ୍ଦିଆ, ଏଏସ୍‌ଆଇ ଡିକେ ନାୟକ, ଜେକେ ପ୍ରଧାନ ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ ଚଳାଇଛନ୍ତି। ଆନ୍ଧ୍ର ପୋଲିସ ମଧ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ୭୪ ଅଭିଯୋଗ ଶୁଣିଲେ ଜିଲାପାଳ



ଜିଲାପାଳ ଜଣେ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି ।

**କଲ୍ୟାଣସିଂହପୁର,୨୭।୮(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ସଦର ମହକୁମାରେ ଥିବା ସଦ୍‌ଭାବନାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଗୁହା ପୁନମ ତାପସ କୁମାର ଯୋଗ ଦେଇ ୭୪ଟି ଅଭିଯୋଗ ଶୁଣିଥିଲେ । ଏହାର ସମାଧାନ କରିବା ନିମନ୍ତେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଅଭିଯୋଗ ମଧ୍ୟରୁ ୪୬ଟି ବ୍ୟକ୍ତିଗତ ଓ ୩୦ଟି ଗୋଷ୍ଠୀଗତ ରହିଥିଲା । ଏହି ଅବସରରେ ୨୯ ଜଣଙ୍କୁ ପେନ୍‌ସନ୍ ଓ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣିରେ ଉପଜିଲାପାଳ ପ୍ରବୀର ନାୟକ, ଅତିରିକ୍ତ ଜିଲାପାଳ ବିନୋଦିନୀ ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶିକରପାଇ ଗ୍ରାମରେ ଚକଡ଼ା ପୋକ ଓ ବିଦ୍ୟାଳୟ ସମସ୍ୟା ନେଇ ଆଲୋଚନା ହୋଇଥିଲା ।







# ଶିକ୍ଷକ ମହାସଂଘର ବୈଠକ

**ରାୟଗଡା ଅଫିସ୍, ୨୭।୮**

ରାଜ୍ୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ମହାସଂଘର ନିର୍ଦ୍ଦେଶକ୍ରମେ ରାୟଗଡା ଜିଲା ମିଳିତ ଶିକ୍ଷକ ମହାସଂଘର ଏକ ବୈଠକ ସ୍ଥାନୀୟ ରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାୟଗଡା ଜିଲା ପ୍ରାଥମିକ ଶିକ୍ଷକ ସଂଘ(ଏନ୍‌ପିଏସ୍), ରାୟଗଡା ଜିଲା ବିଏଡ ଶିକ୍ଷକ ସଂଘ, ଗଣଶିକ୍ଷକ ସଂଘ, ଏମ୍‌ଏଲ୍‌ଇ ଶିକ୍ଷକ ସଂଘ, ୨୦୧୧ ନିୟମିତ ଶିକ୍ଷକ ସଂଘ, ଜୁନିୟର ଟିଚର ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏଥିରେ ରାଜ୍ୟ ପ୍ରାଥମିକ ଶିକ୍ଷକମାନଙ୍କୁ ୨୮୦୦ଗ୍ରେଡ୍ ପେ ଦେବା ପାଇଁ ରାଜ୍ୟ ସରକାରଙ୍କଠାରେ ଦାବି କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଆସନ୍ତା ସେପ୍ଟେମ୍ବର ୧ତାରିଖରେ ମହାସଂଘ ତରଫରୁ ରାୟଗଡା ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଭିନ୍ନ ସଂଘର କର୍ମକର୍ତ୍ତା ପ୍ରମୋଦ ପଣ୍ଡା, ଗୋପାଳ ନାୟକ, ସେଖ୍ ନୁରବାସା, ନରେଶ ସିଂଗ୍, ପ୍ରମୋଦ ଦାସ, ଗୌରୀ ବେହେରା, କେଦାର ତାଡିଙ୍ଗୀ, ସୁରେଶ ପଟ୍ଟନାୟକ, ଅରବିନ୍ଦ ସେଠୀ, ଗଙ୍ଗା ପ୍ରସାଦ ବ୍ରହ୍ମା, ପ୍ରଦୀପ ନାୟକ, ସୁବାସ ପାଳ, ଆନନ୍ଦ ତାଡିଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇଡିଏଲ ପବ୍ଲିକ ସ୍କୁଲରେ ରକ୍ଷାବନ୍ଧନ

**ପଦ୍ମପୁର,୨୭।୮(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ଆଇଡ଼ିଏଲ ପବ୍ଲିକ ସ୍କୁଲରେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆରଜି ମହାବିଦ୍ୟାଳୟ ଅଧ୍ୟାପକ ବାଞ୍ଛାନିଧି ଦାଶ ମୁଖ୍ୟ ଅତିଥି, ଅଧ୍ୟାପକ ରମେଶଚନ୍ଦ୍ର ଦୋରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାଇଭଉଣୀଙ୍କ ପବିତ୍ର ସମ୍ପର୍କ ବିଷୟରେ କହିଥିଲେ । ପରେ ସାମୂହିକ ପ୍ରାର୍ଥନା କରାଯାଇଥିଲା । ଛାତ୍ରୀମାନେ ଛାତ୍ର ଓ ଅତିଥିମାନଙ୍କ ହାତରେ ରାଖୀ ବାନ୍ଧିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଜ୍ୟୋତି ସାହୁ ପରିଚାଳନା କରିଥିଲେ । ଦେବଜାନୀ ପଣ୍ଡା, କାବେରୀ ପାଣିଗ୍ରାହୀ, ତନୁଶ୍ରୀ ସାମନ୍ତରାୟ.ପି. ଶିବାଜୀ ପ୍ରମୁଖ ସହଯୋଗ କରିଥିଲେ ।

# ଦୁର୍ଦ୍ଧାନ୍ତ ଅପରାଧୀ ସଞ୍ଜୟ, ସହଯୋଗୀ ଗିରଫ

**ବୋରିଗୁମ୍ମା, ୨୭।୮**

କୋରାପୁଟ ଓ ନବରଙ୍ଗପୁର ଜିଲାର କୁଖ୍ୟାତ ଅପରାଧୀ ତଥା ମୋଷ୍ଟ ୱାଣ୍ଟେଡ ସଞ୍ଜୟ ସୁନାଙ୍କୁ ବୋରିଗୁମ୍ମା ପୋଲିସ ଗିରଫ କରିବାରେ ସଫଳ ହୋଇଛି । ଏନେଇ ବୋରିଗୁମ୍ମା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବୋରିଗୁମ୍ମା ଭାରପ୍ରାପ୍ତ ଏସ୍‌ଡିପିଓ ପିୟୂଷ ଦିବାକର କହିଛନ୍ତି, ବୋରିଗୁମ୍ମା ଥାନା ଏସ୍‌ଆଇ ଏବଂ ତାଙ୍କ ଦଳ ରବିବାର ସନ୍ଧ୍ୟାରେ ଦାଗିରି ସାହିଛକଠାରେ ଗାଡି ଯାଞ୍ଚ କରୁଥିଲେ। ଜୟପୁରରୁ ବୋରିଗୁମ୍ମାକୁ ଆସୁଥିବା ଧଳାରଙ୍ଗର ନାନୋ କାର(ଓଡି୧୦ବି ୩୩୨୫)କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ କାର୍ ଅଟକି ନ ଥିଲା । ଏହା ଜାତୀୟ ରାଜପଥ ହାୱାରୁ ବଙ୍କାସାହିକୁ ଯାଇଥିଲା । ଯାଞ୍ଚଦଳ ଏହି କାର୍‌ଟିକୁ ପିଛା କରିଥିଲା। ମେରିଆସାହିଠାରେ କାର୍‌ଟିକୁ ଅଟକାଇବାରେ ମଧ ସକ୍ଷମ ହୋଇଥିଲା। କାର୍‌ରୁ ଦୁର୍ଦ୍ଧାନ୍ତ ଅପରାଧୀ ସଞ୍ଜୟ ସୁନା (୨୮) ଓ ତାର ସହଯୋଗୀ ଉମାଶଙ୍କର ଯୋଶୀ(୨୮)ଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ଡିପିଓ କହିଛନ୍ତି। ଜୟପୁରସଦର ଥାନା ଅନ୍ତର୍ଗତ ଭଣ୍ଡୁରୀ ଅଞ୍ଚଳର ସଞ୍ଜୟଙ୍କ ନାଁରେ ନବରଙ୍ଗପୁର ଓ କୋରାପୁଟ ଜିଲାର ବିଭିନ୍ନ ଥାନାରେ ଗୁରୁତର ଅପରାଧୀକ ମାମଲା ରହିଛି । ଗୁଳିମାଡ଼, ହତ୍ୟାକାଣ୍ଡ, ଗଞ୍ଜେଇ ଚୋରାଚାଲାଣ ଭଳି ଏକାଧିକ ଗୁରୁତର ମାମଲା ରହିଛି ବୋଲି ଏସଡିପିଓ ଦିବାକର ସୂଚନା ଦେଇଛନ୍ତି। ସଞ୍ଜୟଙ୍କଠାରୁ ଏକ ବନ୍ଧୁକ, ଗୁଳି ଓ ଦୁଇଟି ମୋବାଇଲ ଜବତ ହୋଇଛି। କୌଶଳକ୍ରମେ କାର୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ସଞ୍ଜୟଙ୍କ ସହଯୋଗୀ ଉମାଶଙ୍କର ଯୋଶୀ ନବରଙ୍ଗପୁର ଜିଲା କୁକୁଡାବାଇ ଗ୍ରାମର । ଦୁଇ ଜଣଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି ।








ଯାହାର ଚିତ୍ତ ସ୍ଥିର ନୁହେଁ, ତା'ଠାରୁ କେବେ ବିଜ୍ଞତା ଆଶା କରନାହିଁ।
- ଶିଶେରୋ



## ସଂକ୍ଷେପରେ



### ୩ ଗାଈ ଜଳବନ୍ଦୀ

**କୋଲାବନଗର, ୨୭।୮:** ଅପରକୋଲାବ ଜଳଭଣ୍ଡାରରେ ଜଳ ପତନ ବୃଦ୍ଧି ହେବା ଫଳରେ କୋଲାବ ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲାଯାଇଛି। ଗେଟ୍ ଖୋଲିବାର ୩ ଦିନ ପୂର୍ବରୁ ଲୋକମାନଙ୍କୁ ସତର୍କ କରାଯାଇଥିଲା। ରବିବାର ୪ଟାରେ ଜିଲା ପ୍ରଶାସନ ଓ ଯୋଜନା ପ୍ରଶାସନଙ୍କ ଉପସ୍ଥିତିରେ ନୀତି ନିୟମ ଅନୁସାରେ ଗେଟ୍ ଖୋଲାଯାଇଛି। କିନ୍ତୁ ସ୍ଥାନୀୟ ଶର୍ମା କମ୍ପାନୀ ଗ୍ରାମର ଭାଗୀ ଖିଲଙ୍କର ୩ଟି ଗାଈ ଓ ଗୋଟିଏ ବଳଦ ଜଳବନ୍ଦୀ ହୋଇଛନ୍ତି। ନଦୀ ମଧ୍ୟରେ ଏକ ପଥର ଚାଙ୍ଗଡ଼ା ଉପରେ ସେମାନେ ବର୍ଷାରେ ରାତି କଟାଇଥିଲେ। ସୋମବାର ସକାଳ ୬ଟାରେ ବଳଦଟି ପହଁରି ଚାଲି ଆସିଛି। କିନ୍ତୁ ୩ଟି ଗାଈ ଅଦ୍ୟାବଧି ସେଠାରେ ଅଛନ୍ତି। ତାଙ୍କୁ ଉଦ୍ଧାର କରାଯାଇପାରି ନାହିଁ। ପାଣି ନିଷ୍କାସନ ପରେ ଗେଟ୍ ବନ୍ଦ ହେଲେ ଗାଈ ତିନୋଟି ଉଦ୍ଧାର କରାଯିବ ବୋଲି ସୂଚନା ମିଳିଛି।

### ବର୍ଷାରେ କ୍ଷୟକ୍ଷତି

**କୋଲାବନଗର, ୨୭।୮ :** କୋରାପୁଟ ସଦର ବ୍ଲକ ଅଧୀନ ବଡ଼କେରେଙ୍ଗା ପଞ୍ଚାୟତରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପଞ୍ଚାୟତର ବଡ଼ନାୟକଗୁଡା ଗ୍ରାମର ବିଶୋଇଙ୍କର ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବିଶୋଇ ଜଣେ ଦିନ ମଜୁରିଆ। ସେ ଏବେ ସରକାରୀ ସହାୟତା ଦାବି କରିଛନ୍ତି। ସେହିଭଳି କୋଲାବନଗରସ୍ଥିତ ଶିରିଡିସାଇ ମନ୍ଦିରଟି ମଧ ଭୁଶୁଡି ପଡିଛି। ବଡ଼ନାୟକଗୁଡା ଗ୍ରାମର ଡକୁ ଖରାଙ୍କ ଘର ବର୍ଷାରେ ଭୁଶୁଡି ପଡିଥିବା ବେଳେ ସରମନଗୁଡା ଗ୍ରାମର ୪ଟି ଘର ଭାଙ୍ଗି ଯାଇଛି। ବନ୍ଧ ଅଞ୍ଚଳରେ ଗନ୍ଧି ସ୍ୱାଇଁଙ୍କ ଘର ସହ ଅନେକ ଝୁମ୍ପୁଡି ମଧ ନଷ୍ଟ ହୋଇଯାଇଛି।

### ବାଜପେୟୀଙ୍କୁ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି

**ବୈପାରୀଗୁଡା,୨୭।୮ (ଡି.ଏନ୍.ଏ):** ସୋମବାର ସ୍ଥାନୀୟ ପଶ୍ଚିମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଉଦ୍ଦେଶ୍ୟରେ ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ଚନ୍ଦ୍ର ଶେଖର ରଥ , ଜଗା ରାଓ , ମନୋଜ ନାୟକ, ବିପିନବିହାରୀ ମହାନ୍ତି, ବିଜେଡିର ଶ୍ରୀନିବାସ ରାଓ , ସାଥିରାମ ନାୟକ , ମୁନା ମହାପାତ୍ର ,କଂଗ୍ରେସର ଗୌର ଚନ୍ଦ୍ର ପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

### ବାଜପେୟୀଙ୍କ ଦ୍ୱାଦଶାହ

**ସେମିଳିଗୁଡା, ୨୭।୮ (ସ୍ୱ.ପ୍ର.):** ସୁନାବେଡ଼ା ସୁବାସ ନଗର କଲ୍ୟାଣ ମଣ୍ଡପରେ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ଦ୍ୱାଦଶାହ କାର୍ଯ୍ୟ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସବୁ ଦଳର କର୍ମକର୍ତ୍ତା ସାମିଲ ହୋଇଥିବା ଜଣାପଡ଼ିଛି। ଏଥିରେ ଶ୍ରୀତମ କଲେଜ ଚେୟାରମ୍ୟାନ୍ କୃଷ୍ଣ ସିଂହ, କୋରାପୁଟ ଜିଲା ଭାଜପା ସଭାପତି ବିଜୟ କୁମାର ମିଶ୍ର, ସୁମନ୍ତ ପ୍ରଧାନ, ଜୟରାମ ଗରଡା, ରମାକାନ୍ତ ସାହୁ, ଦେବେନ୍ଦ୍ର ମହାନ୍ତି , ଦିଲୀପ ସ୍ୱାଇଁ, ଝରଣା ଦାସ , ଗୌରହରି ନାୟକ, କୀର୍ତ୍ତନ ପରିଡା, କାମେଶ୍ୱର ପାତ୍ର, ଜଳନ୍ଧର ଖିଲ, ସୁମନ କିରଣ, ସୁଭାସିନୀ ସାହାଣି, ଟୁନା ଖରା, ହିମାଂଶୁ ମହାରିକ, ସତ୍ୟ ଦାସ, ବଦ୍ରି ପାତ୍ର, ଅଶ୍ୱିନ ଜେନା ପ୍ରମୁଖ ଉପସ୍ଥିତ ରହି ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କୋଟପାଡ, ୨୭।୮(ଡି.ଏନ୍.ଏ.):** କୋରାପୁଟ ଜିଲା କୋଟପାଡ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୫୮୦ ଜଣ ଦିବ୍ୟାଙ୍ଗଙ୍କୁ ପଞ୍ଜୀକୃତ କରାଯାଇଥିବା ବେଳେ ୧୦୦ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି। ବ୍ଲକର ୧୭ ପଞ୍ଚାୟତରୁ ହଜାରରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଏଥିରେ ସାମିଲ ହୋଇଥିଲେ। ଏଥିରେ ୨୧ଟି ଷ୍ଟଲ ପଡିଥିଲା। ବିଏସ୍ଏସ୍‌ଓ ଆହାନା ବୈଦ୍ୟଙ୍କ ଅଧ୍ୟକ୍ଷତାରେ ଶିବିର ପରିଚାଳନା ହୋଇଥିବା ବେଳେ ବିଧାୟକ ଚନ୍ଦ୍ର ଶେଖର ମାଝି ଶିବିର ଉଦ୍‌ଘାଟନ କରିଥିଲେ। ବିଡିଓ ବିଶ୍ୱଜିତ୍ ଚନ୍ଦ୍ର ବର୍ମନ, ବ୍ଲକ ଅଧ୍ୟକ୍ଷ ବୈଦ୍ୟନାଥ ପୂଜାରୀଙ୍କ ସମେତ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ, ସିଡିପିଓ ସୁଷମା ସେଠୀ, ନମିତା ବାଗ୍ ଉପସ୍ଥିତ ଥିଲେ।

# ମହଙ୍ଗା ପଡ଼ିବ ନର୍ସିଂ କଲେଜକୁ ଅନୁମତି

- ବିନା ଭିତ୍ତିଭୂମିରେ ଅନୁମତି
- ଖୋଳତାଡ଼ ଆରମ୍ଭ
- ରେଜିଷ୍ଟ୍ରାର ମାନିଲେ ଏନ୍‌ଓସି ଦିଆଯାଇଛି

**କୋରାପୁଟ,୨୭।୮(ସ୍ୱ.ପ୍ର)**

ଭିତ୍ତିଭୂମି ନଥାଇ ତରବରିଆ ଭାବେ ଏକ ନର୍ସିଂ କଲେଜକୁ ଅନୁମତି ଦେବା ଘଟଣାର ପର୍ଦ୍ଦାଫାଶ କରିଥିଲା 'ଧରିତ୍ରୀ। ଏବେ ଏହାର ଖୋଳତାଡ଼ ଆରମ୍ଭ ହୋଇଛି। ଘଟଣା ସମ୍ପର୍କରେ ତଦନ୍ତ କରିବା ପାଇଁ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ )ଙ୍କୁ ଦାୟିତ୍ୱ ଦେଇଥିଲେ। ତଦନ୍ତ ପରେ ସିଡିଏମ୍‌ଓ ଘଟଣାକୁ ସିଧା ସ୍ୱୀକାର କରି ନଥିଲେ ମଧ୍ୟ ପରୋକ୍ଷରେ ସଂସ୍ଥାର ଭିତ୍ତିଭୂମି ନ ଥିବା କହିଛନ୍ତି। କୋରାପୁଟ କଲେଜ ଅଫ ନର୍ସିଂ ଅଧୀନ ପ୍ରତିଭା ଏଜୁକେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ନାମକ ଅନୁଷ୍ଠାନକୁ ଚଳିତ ବର୍ଷ ନିମନ୍ତେ ନର୍ସିଂ ପାଠପଢ଼ା ପାଇଁ ଅନୁମତି ଦିଆଯାଇଥିବା କଥାକୁ ସିଡ଼ିଏମ୍‌ଓ ଅସ୍ୱୀକାର କରିଛନ୍ତି। ଉକ୍ତ ନାମରେ କୌଣସି ନର୍ସିଂ ଅନୁଷ୍ଠାନ କୋରାପୁଟରେ ନଥିବା ସେ କହିଛନ୍ତି। ଏଥରୁ ସ୍ପଷ୍ଟ ଜଣାପଡୁଛି କି ଉକ୍ତ ସଂସ୍ଥାର କୌଣସି ଭିତ୍ତିଭୂମି ନାହିଁ। ଏ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ବ୍ରହ୍ମପୁର ରେଜିଷ୍ଟ୍ରାର କୋରାପୁଟ କେବେ ଆସିଥିଲେ ତାହା ଜାଣି ନ ଥିବା ସିଡିଏମ୍‌ଓ ଡାକ୍ତର ଲଳିତ କୁମାର ରଥ କହିଛନ୍ତି। ଘଟଣାର ଅଧିକ ତଦନ୍ତ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରକୁ ପତ୍ର ଲେଖିଥିବା ସେ ପ୍ରକାଶ କରିଛନ୍ତି। ଏହି ଘଟଣା ସଂପର୍କରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ରଞ୍ଜନ କୁମାର ବିଶ୍ୱାଳଙ୍କୁ ପଚାରିବାରୁ ପ୍ରତିଭା ଏଜୁକେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ କୋରାପୁଟ କଲେଜ ଅଫ ନର୍ସିଂ ନାମକ ଅନୁଷ୍ଠାନକୁ କେବଳ ଏନଓସି ଦିଆଯାଇଛି ବୋଲି କହିଛନ୍ତି। କିନ୍ତୁ ଆଫିଲେସନ ପ୍ରଦାନ କରାଯାଇ ନାହିଁ ବୋଲ ସୂଚନା ଦେଇଛନ୍ତି। ଏବେ ଉକ୍ତ କଲେଜରେ ନାମ ଲେଖାଇଥିବା ଛାତ୍ରୀଙ୍କ ଅଭିଭାବକଙ୍କ ମହଲରେ ଆଶଙ୍କା ଦେଖାଯାଇଛି । ଚଳିତବର୍ଷ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନୂତନ କରି ଓଡ଼ିଶାର ୨୨ ଟି ନର୍ସିଂ ଟ୍ରେନିଂ କଲେଜକୁ ସ୍ୱୀକୃତି ଦେଇଥିବାବେଳେ କୋରାପୁଟ ନିମନ୍ତେ କୋରାପୁଟ କଲେଜ ଅଫ ନର୍ସିଂ ଅଧୀନ ପ୍ରତିଭା ଏଜୁକେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ନାମକ ଅନୁଷ୍ଠାନକୁ ଅନୁମତି ଦିଆଯାଇଥିବା ଜଣାପଡିଥିଲା । ସେହି ଅନୁସାରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପତ୍ର ସଂଖ୍ୟା ୩୩୪, ତା ୩-୫-୨୦୧୮ ଅନୁସାରେ ଗତ ଜୁଲାଇ ମାସ ୭ରେ ଏକ ବିଜ୍ଞାପନ ବାହାରିଥିଲା । ଅନ୍‌ଲାଇନରେ ଆବେଦନ ପାଇଁ ଗତ ଜୁଲାଇ ୨୨ରେ ଏବଂ ଅଫ୍‌ଲାଇନ ପାଇଁ ଅଗଷ୍ଟ ୬ ଆବେଦନ ପାଇଁ ଧାର୍ଯ୍ୟ ହୋଇଥିଲା। ସେହି ଅନୁସାରେ କୋରାପୁଟ ଜିଲାର ବହୁ ଛାତ୍ରୀ ନର୍ସିଂ ଟ୍ରେନିଂ ପାଇଁ ଆବେଦନ କରିଥିଲେ। ମାତ୍ର ବର୍ତ୍ତମାନ ଏହି ଅନୁଷ୍ଠାନ ନାମରେ କୋରାପୁଟ ସହରରେ କିଛି ଅନୁଷ୍ଠାନ ନଥିବା ଜାଣିବା ପରେ ଛାତ୍ରୀମାନଙ୍କ ଅଭିଭାବକ ମହଲରେ ଏବେ ଅସନ୍ତୋଷ ପ୍ରକାଶ ପାଇଛି । ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଅଭିଭାବକମାନେ ଫୋନ ଯୋଗେ ଯୋଗାଯୋଗ କରି ଏହି ନର୍ସିଂ କଲେଜର ଠିକଣା ପଚାରିଥିଲେ। କିନ୍ତୁ ସେମାନଙ୍କୁ କଲେଜର ପ୍ରକୃତ ଠିକଣା ଦିଆଯାଇପାରି ନଥିବା କହିଛନ୍ତି। କୋରାପୁଟ ମେଡିକାଲ କଲେଜ ସମ୍ମୁଖସ୍ଥ ଏକ ବିଲ୍‌ଡିଂରେ ନର୍ସିଂ କଲେଜ ରହିଥିବା କର୍ମକର୍ତ୍ତାମାନେ ଅଭିଭାବକଙ୍କୁ ସୂଚନା ଦେଇଛନ୍ତି। ଅଭିଭାବକମାନେ ସେହି ଠିକଣାରେ ସେଠାକୁ ଯାଇଥିଲେ ମଧ୍ୟ ସେହି ବିଲ୍‌ଡିଂରେ ଏକ ନିର୍ମାଣ ସଂସ୍ଥାର କର୍ମଚାରୀମାନେ ରହିଥିବା ଦେଖିବାକୁ ପାଇଥିଲେ। ଅନୁଷ୍ଠାନର ଭିତ୍ତିଭୂମି ନଥାଇ କିପରି ଭାବେ ରାଜ୍ୟ ସରକାରଙ୍କଠାରୁ ଉକ୍ତ ଅନୁଷ୍ଠାନ ସ୍ୱୀକୃତି ପାଇଲେ ତାହା ତଦନ୍ତ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏହି ଅନୁଷ୍ଠାନ ସଂପର୍କରେ କିପରି ବ୍ରହ୍ମପୁର ମେଡିକାଲ କଲେଜର ରେଜିଷ୍ଟ୍ରାର , ସ୍ଥାନୀୟ ମେଡିକାଲ କଲେଜ ଅଧୀକ୍ଷକ ଓ ସିଡିଏମଓ ତଦନ୍ତ କରି ଅନୁମତି ପ୍ରଦାନ ପାଇଁ ସରକାରଙ୍କୁ ପତ୍ର ଲେଖିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗସ୍ତି କଲେ ଦାନ,**
**କଷା ଗୁଆ ପଚା ପାନ ।**

କୃପଣ ବ୍ୟକ୍ତି କାହାରିକୁ କେବେ ମୁକ୍ତ ହସ୍ତରେ ଦାନ ଦେଇ ନ ଥାନ୍ତି। ପାଖରେ ଯେତେ ଧନ ସମ୍ପତ୍ତି ଥିଲେ ମଧ ସେସବୁ ସରିଯିବା ଭୟରେ ଦେବା ଲାଗି କୁଣ୍ଠିତ ହୋଇଥାନ୍ତି। ତେବେ ପରିସ୍ଥିତି ଦେଖି ବା ବାଧବାଧକତାରେ ପଡ଼ି ଯଦି ବି କିଛି ଦେବାକୁ ହୁଏ ତେବେ ବାଛି ବାଛି ସବୁଠାରୁ ଖରାପ ବା ଅଦରକାରୀ ବସ୍ତୁକୁ ଦେଇ ନିଜର ମିଛ ଦାତାପଣିଆ ଦେଖେଇ ହୋଇଥାନ୍ତି। କୃପଣ ସ୍ୱଭାବ ବ୍ୟକ୍ତିଙ୍କର ଏପରି ହୀନ ମନୋବୃତ୍ତି ରହିଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଣ୍ଟିକି ସରି,**
**ବାଂଝ ମାଇପ କି କୁଳକୁ ଶିରୀ ।**

କୁଳର ରକ୍ଷା ବା ବଂଶ ବୃଦ୍ଧି ପାଇଁ ଉତ୍ତରାଧିକାରୀ ଲୋଡ଼ା ପଡ଼ିଥାଏ। ପରନ୍ତୁ ସନ୍ତାନହୀନା ନାରୀ ଏ ଦିଗରେ ପ୍ରତିବନ୍ଧକ ସାଜୁଥିବା କାରଣରୁ ସମାଜରେ ଏପରି ଅପୁତ୍ରିକ ନାରୀ ନିନ୍ଦିତ ହେଉଥିବା ଅର୍ଥରେ ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଉଚ୍ଛୁଳୁଛି କୋଲାବ ଜଳ

**କୁନ୍ଦୁରା, ୨୭।୮(ଡି.ଏନ୍.ଏ.)**



କୋଲାବ ଜଳ ତଳିଆ ଅଞ୍ଚଳରେ ମାଡୁଛି।

କୁନ୍ଦୁରା ବ୍ଲକ୍‌କୁ ଘେରି ରହିଥିବା କୋଲାବ ନଦୀର ଜଳସ୍ତର ଫୁଲିଛି। ପୁଣି ଉପର ମୁଣ୍ଡରେ ବର୍ଷା ହେତୁ ବର୍ଷାପାଣି ମଧ ଏହାର ଜଳସ୍ତରକୁ ବଢ଼ାଉଛି। ଏନେଇ ତଳ ମୁଣ୍ଡର ବାସିନ୍ଦା ଭୟଭୀତ ଅଛନ୍ତି। କୋଲାବ ଜଳଭଣ୍ଡାର ବାରିଣୀପୁଟ କାର୍ଯ୍ୟନିର୍ବାହୀଯନ୍ତ୍ରୀ ସୁରେନ୍ଦ୍ର ସାହୁ ଜଳଭଣ୍ଡାରରେ କ୍ଷମତାଠାରୁ ଅଧିକ ପାଣି ଜମା ହେବା ଆଶଙ୍କା ଥିବାରୁ ରବିବାର ୪.୧୦ରେ ଜଳ ଛାଡିବା ନେଇ ଘୋଷଣା କରିଥିଲେ। ଲଗାଣ ବର୍ଷାରେ କୋଲାବନଦୀର ଜଳସ୍ତର ବୃଦ୍ଧି ପାଉଛି। ଏହାକୁ ନେଇ କୋଲାବରେ ଚଳାଚଳ କରୁଥିବା ଡଙ୍ଗା ଏବଂ ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା ଜାରି ରହିଛି। ଡ଼ଙ୍ଗରପାଉସୀ ଗ୍ରାମପଞ୍ଚାୟତାର କୋଲାବ ନଦୀତଟରେ ରହିଥିବା ଡଙ୍ଗରପାଉସୀ, ବେଡ଼ାପାଉସୀ, ଆଇତା ହାଣ୍ଡି ଏବଂ ଦୋରାଗୁଡ଼ା, ଫୁପୁଗାଁ ଗ୍ରାମପଞ୍ଚାୟତର ଯୁବାପାତ୍ରପୁଟ, କରଣଗୁଡ଼ା, ମସିଗାଁ ଗ୍ରାମପଞ୍ଚାୟତର ଝଡ଼ଙ୍ଗା, ବରଗାଁ ଏବଂ ଭୂଷାଙ୍ଗଗୁଡ଼ା ଗ୍ରାମପଞ୍ଚାୟତର ଭୂଷାଙ୍ଗାଗୁଡ଼ା, ଖଟଲାପଦର, ପଣସଗାଁ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି। କୋଲାବ ଜଳଭଣ୍ଡାର କର୍ତ୍ତୃପକ୍ଷ ଗଣମାଧ୍ୟମରେ ଲୋକଙ୍କୁ ସତର୍କ ସୂଚନା ଦେଉଛନ୍ତି। କିନ୍ତୁ କୁନ୍ଦୁରା ତସହିଲଦାରଙ୍କ ତରଫରୁ ଗ୍ରାମାଞ୍ଚଳରେ ସେଭଳି କୌଣସି ଜରୁରୀ ସୂଚନା ଦିଆଯାଇ ନଥିବା ଅଭିଯୋଗ ହୋଇଛି। ଏନେଇ ନଈକୂଳ ବାସିନ୍ଦା ଭୟଭୀତ ଅଛନ୍ତି। ଉଠାଜଳ ସେଚନ ପ୍ରକଳ୍ପ ମୋଟରଗୁଡ଼ିକ ରହିଛି। କିନ୍ତୁ ସେଗୁଡ଼ିକ ଏବେ ପାଣିରେ ରହିଥିବାରୁ କାମରେ ଆସୁନଥିବା ଅଭିଯୋଗ ହୋଇଛି। ଲଗାଣ ବର୍ଷାରେ କୁନ୍ଦୁରା ଅଞ୍ଚଳର ଅନେକ ଘର ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। କିନ୍ତୁ ଲୋକଙ୍କୁ ସହାୟତା ଦେବା ପାଇଁ ପ୍ରଶାସନ ପକ୍ଷରୁ ସେମିତି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିବା ବାସିନ୍ଦା କହିଛନ୍ତି।

## ସରିଲା ଇଣ୍ଡିପେଣ୍ଡେନ୍ସ କପ ଫୁଟ୍‌ବଲ୍ ଟୁର୍ନାମେଣ୍ଟ

**ଦାମନଯୋଡ଼ି, ୨୭।୮(ଡି.ଏନ୍.ଏ.)**

ନାଲ୍‌କୋ ସ୍ପୋର୍ଟସ୍ ସେଲ ଏବଂ ନାଲ୍‌କୋ କମ୍ୟୁନିଟ୍ ସେଣ୍ଟର ପକ୍ଷରୁ ଆୟୋଜିତ ୨୨ତମ ଇଣ୍ଡିପେଣ୍ଡେସେନ୍ସ କପ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସେକ୍ଟର-୩ ନେତାଜୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମେଞ୍ଜିଗୁଡ଼ାର ମା' ତାରିଣୀ ଏବଂ ବିୱାଇସି ମାଳିଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମା' ତାରିଣୀ ମାଳିଗୁଡ଼ାକୁ ୧-୦ରେ ପରାସ୍ତ କରି ଚାମ୍ପିୟନ୍ ହୋଇଛି। ବିଜୟୀ ଦଳକୁ ଅର୍ଥରାଶି ସହ ପୁରସ୍କୃତ କରାଯାଇଛି। ଅବିନାଶ କୁଲଦୀପଙ୍କୁ ଶ୍ରେଷ୍ଠ ଗୋଲକିପର, ସାନିଆଙ୍କୁ ଶ୍ରେଷ୍ଠ ଫରୱାର୍ଡ଼ ଏବଂ ରଞ୍ଜିତ ଖରାଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ଭାବେ ମନୋନୀତ କରାଯାଇଛି। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ମହାନ୍ତି, ମହାପ୍ରବନ୍ଧକ ରବିଶଙ୍କର ଦାସ, ଭୀମସେନ ପ୍ରଧାନ, ସ୍ପୋର୍ଟସ୍ ସେଲ୍ ଅଧିକାରୀ ସୂର୍ଯ୍ୟନାରାୟଣ ନାୟକ୍, ଏସ୍.କେ ଜେନା, ଭଗତ ଟାକ୍ରୀ, ଗୁରୁଟାକ୍ରୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କୃତୀ ଖେଳାଳି ଏବଂ କ୍ରୀଡ଼ାବିତଙ୍କୁ ପୁରସ୍କୃତ କରାଯାଇଛି।

## ୪ ପରିବାର ବାସହରା

**ଦଶମନ୍ତପୁର, ୨୭।୮(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ଓ ଚିକାମ୍ବ ପଞ୍ଚାୟତରେ ୪ଟି ପରିବାର ଲଗାଣ ବର୍ଷାରେ ବାସହରା ହୋଇଛନ୍ତି। ସେମାନଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବର୍ଷାରେ ଚିକାମ୍ବ ପଞ୍ଚାୟତ ବୋନସିଲ ଗ୍ରାମର ଟିଙ୍ଗୁଡୁ ଦିଶାରୀଙ୍କ ଘର ଛପର ଉଡିଯାଇଥିବା ବେଳେ କାନ୍ଥ ଭାଙ୍ଗିଯାଇଛି। ସେହିଭଳି ଦଶମନ୍ତପୁର ପଞ୍ଚାୟତ ମାଣ୍ଡିଆଗୁଡା ଗ୍ରାମର ପାଣ୍ଡୁ ପେରିସିକା, ଦାନୁ ଜାନୀ, ନର ମାଣ୍ଡିଙ୍ଗାଙ୍କ ଘର କାନ୍ଥ ଭାଙ୍ଗିଯାଇଛି। ଆର୍‌ଆଇଙ୍କୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ସହାୟତା ଯୋଗାଇ ଦେବେ ବୋଲି ତହସିଲଦାର ଅଜୟ ତିର୍କୀ କହିଛନ୍ତି।

▪ବରୁଆବାଡି ନାବାଳିକା ବଳାତ୍କାର ମାମଲା

# ପୋଲିସ ଏଡିଜିଙ୍କୁ ଦାବିପତ୍ର

**ବୈପାରୀଗୁଡା, ୨୭।୮(ଡି.ଏନ୍.ଏ.)**

ବୈପାରୀଗୁଡା ଥାନା ବରୁଆବାଡି ଗ୍ରାମର ବଳାତ୍କାର ପୀଡିତାଙ୍କୁ ଉପଯୁକ୍ତ ନ୍ୟାୟ ଦାବିରେ ସୋମବାର ଅଲ୍ ଇଣ୍ଡିଆ ଡି.ଏସ୍.ଓ ଏବଂ ଅଲ୍‌ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ଏକ ପ୍ରତିନିଧି ଦଳ କଟକରେ ପୋଲିସ ଏଡିଜିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଦାଶିବ ଦାସ ଏବଂ ମହିଳା ସାଂସ୍କୃତିକ ସଂଗଠନ ରାଜ୍ୟ ସଭା ନେତ୍ରୀ ବୀଣାପାଣି ଦାସ ଏହାର ନେତୃତ୍ୱ ନେଇଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପୀଡିତାଙ୍କୁ କ୍ଷତିପୂରଣ, ସୁରକ୍ଷା ଏବଂ ପାଠପଢାର ସୁବନ୍ଦୋବସ୍ତ କରିବାକୁ ଦାବି କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୨୪ରେ ବରୁଆବାଡି ଗ୍ରାମର ଦେବ ଗାଦବା ନାମକ ଜଣେ ବିବାହିତ ଯୁବକ ପିଡିତାଙ୍କୁ ଜଙ୍ଗଲକୁ ଡାକି ନେଇ ବଳାତ୍କାର କରିଥିଲେ। ଏ ନେଇ ପୀଡିତାଙ୍କ ବାପା ଥାନାରେ ଏତଲା ଦେଇଥିଲେ। ପୋଲିସ ତାଙ୍କ ଏତଲାକୁ ଭିତ୍ତି କରି ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା। କିନ୍ତୁ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରି ନ ଥିବା ବେଳେ ତାଙ୍କ ଭୟରେ ପୀଡିତା ପାଠ ଛାଡି ଘରେ ରହିଛନ୍ତି।

# ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ଦ୍ୱାରା ମ୍ୟାଚ୍ ଉଦ୍‌ଘାଟନ ହେଉଛି।

**ଦଶମନ୍ତପୁର,୨୭।୮(ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକସ୍ଥିତ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟ ପଡ଼ିଆରେ ରାଜୀବ ଗାନ୍ଧୀଙ୍କ ଜନ୍ମବାର୍ଷିକ ଉତ୍ସବ ପାଳନ ଅବସରରେ ଆୟୋଜିତ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ବିଧାୟକଙ୍କ ପ୍ରତିନିଧି ତଥା ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ରୂପକ ତୁରୁକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଦଶମନ୍ତପୁର ବ୍ଲକ୍ କଂଗ୍ରେସ ସଭାପତି ବେଣୁଧର ପାତ୍ର, ସମ୍ପାଦକ ମୋହନ ପାତ୍ର ହିଆଲ, ଉପସଭାପତି ହେମନ୍ତ ଖରା, ରାଜେନ୍ଦ୍ର ଦୁଇକା,ଲକ୍ଷ୍ମଣ ବିଶୋଇ ଏଥିରେ ଅତିଥିଭାବେ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟରେ ୧୬ ଟି ଦଳ ଭାଗ ନେବେ। ଆସନ୍ତା ଦୁଇ ତାରିଖରେ ଏହାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଦଶମନ୍ତପୁର ଏବଂ କାକିରିଗୁମ୍ମା ମଧ୍ୟରେ ଲଢ଼େଇ ହୋଇଥିଲା। ଏଥିରେ ଦଶମନ୍ତପୁର ପ୍ରତିପକ୍ଷକୁ ୨ଟି ଗୋଲ୍ ଦେଇ ବିଜୟୀ ହୋଇଛି। ରେଫରୀଭାବେ ଶ୍ରୀ ହିଆଳ ଦାୟିତ୍ୱ ତୁଲାଇଥିଲେ।

# ଦେଶ ଅର୍ଥନୀତିକୁ ବାଜପେୟୀଙ୍କ ଦାନ ଅତୁଳନୀୟ

**କୋରାପୁଟ,୨୭।୮(ସ୍ୱ.ପ୍ର)**

ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସ୍ଥାନୀୟ ଅତିଥି ଭବନରେ ଅଟଳ ବିହାରୀ ବାଜପେୟୀଙ୍କ ଏକାଦଶାହ ଅବସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ମଞ୍ଚର ଜିଲା ସଂଯୋଜକ ମନୋରଂଜନ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଶୀର୍ଷକ ଥିଲା, 'ଭାରତୀୟ ଅର୍ଥନୀତିରେ ବାଜପେୟୀଙ୍କ ଅବଦାନ'। ଏଥିରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପୂର୍ବ କ୍ଷେତ୍ର ସମ୍ପର୍କ ପ୍ରମୁଖ ପ୍ରସନ୍ନ କୁମାର ମିଶ୍ର ଯୋଗଦେଇ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଅର୍ଥନୀତିରେ ସଂସ୍କାର ଆସିବା ଦ୍ୱାରା ଦେଶ ବିକାଶର ପଥରେ ଆଗେଇ ଚାଲିଥିଲା ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ସ୍ୱର୍ଣ୍ଣ ଚତୁର୍ଭୁଜ, ନଦୀ ସଂଯୋଗୀକରଣ, ସର୍ବଶିକ୍ଷା ଅଭିଯାନ ପରି ଯୁଗାନ୍ତକାରୀ ଯୋଜନା ହାତକୁ ନେଇ ଦେଶ ଅର୍ଥନୀତିକୁ ମଜଭୁତ କରିଥିଲେ। ଏହି ସବୁ ଯୋଜନା ଦେଶର ଗ୍ରାମୀଣ ଅର୍ଥନୀତିରେ ସୁଧାର ଆଣିବା ସହ ତୃଣମୂଳ ସ୍ତରରେ ବିକାଶ ପହଞ୍ଚି ପାରିଥିଲା ବୋଲି ପ୍ରସନ୍ନ କହିଛନ୍ତି। ନିର୍ମଳ ଷଡ଼ଙ୍ଗୀ ସ୍ୱଦେଶୀ ଜାଗରଣ ମଞ୍ଚର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମଞ୍ଚର ଜିଲା ସହ ସଂଯୋଜକ ରବିନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରଥିଲେ । ସୌମେନ୍ଦ୍ର ସ୍ୱାଇଁ, ମୂରଲୀଧର ଅଧିକାରୀ, ମନ୍ମଥ କୁମାର ପାଢ଼ୀ, ଶେଷାଦ୍ରୀ ପାଣିଗ୍ରାହୀ, କେଶବ ପଟ୍ଟନାୟକ, ପ୍ରକାଶ ପ୍ରଧାନ, ଭେଙ୍କଟେଶ୍ୱର ମିଶ୍ର, ଅର୍ଜୁନ ଦାଶ, ପୂର୍ଣ୍ଣିମା ନାୟକ, ମନ୍ମଥ ସାହୁ, ଜେନେସିସ ଖରା, ମୃତ୍ୟୁଞ୍ଜୟ ଶତପଥୀ, ଲଲାଟେନ୍ଦୁ ପାଠୀ, କୁମୁଦ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହ ଯୋଗ କରିଥିଲେ ।

# ଜଳବାୟୁ ପରିବର୍ତ୍ତନ ସାକ୍ଷରତା ଅଭିଯାନ

**ସେମିଳିଗୁଡା, ୨୭।୮ (ସ୍ୱ.ପ୍ର.)**

ସେମିଳିଗୁଡା ବ୍ଲକ୍‌ରେ ବିଭିନ୍ନ ସ୍ଥାନରେ ଜଳବାୟୁ ପରିବର୍ତ୍ତନ ସାକ୍ଷରତା ଅଭିଯାନ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଚାରାରୋପଣ କରାଯାଇ ଜଳବାୟୁ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଛି। ନାବାର୍ଡ ସହାୟତାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସେମିଳିଗୁଡା ବିଡ଼ିଓ ତ୍ରିନାଥ ମାଝି ଓ ତହସିଲଦାର ଅନିଲ କୁମାର ସେଠୀ ଏବଂ କୁନ୍ଦୁଲି ପଞ୍ଚାୟତ ସରପଞ୍ଚ ଉପସ୍ଥିତ ରହି ଜଳବାୟୁ ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ବୃକ୍ଷର ଯତ୍ନ ନେଲେ ବାୟୁ ପ୍ରଦୂଷଣରୁ ଆମେ ରକ୍ଷା ପାଇପାରିବା ବୋଲି ବିଡ଼ିଓ ଓ ତହସିଲଦାର କହିଛନ୍ତି।



ଚାରାରୋପଣ କରାଯାଉଛି।

# ହାଟରେ କୁଢ଼ କୁଢ଼ ଅଳିଆ

**ଲକ୍ଷ୍ମୀପୁର, ୨୭।୮**

ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ସାପ୍ତାହିକ ହାଟ ପରିସରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଦୀର୍ଘଦିନ ଧରି ଏଠାରେ କୁଢ଼କୁଢ଼ ଆବର୍ଜନା ଗଦା ହୋଇ ରହିଛି। ଲଗାଣ ବର୍ଷାରେ ହାଟ କାଦୁଅ ପଚପଚ ହୋଇପଡୁଛି। ଫଳରେ ଦୋକାନୀ ଓ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ ଏହା ଉପରେ ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। କାକିରିଗୁମ୍ମା ସାପ୍ତାହିକ ହାଟ ଉପରେ ଅଞ୍ଚଳର ଅନେକ ଲୋକ ନିର୍ଭର କରିଥାନ୍ତି। ଦୋକାନୀମାନଙ୍କଠାରୁ ଆରଏମ୍‌ସି ସଂସ୍ଥା ହାଟ ଟିକସ ବାବଦରେ ବହୁ ଅର୍ଥ ଆଦାୟ କରୁଛି, କିନ୍ତୁ ହାଟ ପରିସରରେ ଆଖିଦୃଶିଆ ଉନ୍ନତିମୂଳକ କାର୍ଯ୍ୟ ହେଉନି ବୋଲି ଦୋକାନୀମାନେ ଅଭିଯୋଗ କରିଛନ୍ତି। ହାଟ ପରିସରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବାରୁ ଦୋକାନୀମାନେ ମୁଖ୍ୟରାସ୍ତା କଡରେ ଦୋକାନ ବସାଇଥାନ୍ତି। ଏହାଦ୍ୱାରା କାକିରିଗୁମ୍ମା ବଜାର ମୁଖ୍ୟରାସ୍ତାରେ ଟ୍ରାଫିକ ସମସ୍ୟା ଗମ୍ଭୀର ହୋଇପଡୁଛି। ଏପରି କୁଢ କୁଢ ଅଳିଆ ଆବର୍ଜନା ଜମା ହୋଇରହିଲେ ବର୍ଷାଦିନ ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ମଧ ରହିଛି। ତେଣୁ ଯଥାଶୀଘ୍ର ଅଳିଆ ସଫା କରିବା ସହ ହାଟ ପରିସରରେ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ସାଧାରଣରେ ଦାବି ହେଉଛି। ଆରଏମ୍‌ସି ସଂସ୍ଥାର ମାର୍କେଟ ଗାର୍ଡ ଅନିଲ ତୁରୁକ କହିଛନ୍ତି କାକିରିଗୁମ୍ମା ଦୋକାନୀମାନେ ହାଟ ପରିସରରେ ଅଳିଆ ଆବର୍ଜନା ଫିଙ୍ଗିବା ଦ୍ୱାରା ଏପରି ସମସ୍ୟା ହେଉଛି। ଆରଏମ୍‌ସି ସଂସ୍ଥା ହାଟ ସଫେଇ କରୁଥିବା ଝାଡୁଦାରଙ୍କୁ ତିନି ମାସର ଦରମା ଦେଇ ନ ଥିବାରୁ ସେ ଝାଡୁ କରିବା ବନ୍ଦ କରିଛନ୍ତି ବୋଲି ଅନିଲ କହିଛନ୍ତି।



ହାଟ ପରିସରରେ ଅଳିଆ ଜମା ହୋଇ ରହିଛି।

## ସଂକ୍ଷେପରେ

### କାନ୍ଥ ପଡି ମହିଳାଙ୍କ ମୃତ୍ୟୁ

ନବରଙ୍ଗପୁର,୨୭।୮(ବି.ପ୍ର.)- ଲଗାଣ ବର୍ଷା ଯୋଗୁ ନବରଙ୍ଗପୁର ଜିଲା ଉମରକୋଟ କେନାଲ ସାହିରେ କାନ୍ଥ ପଡି ବିମଳା ହରିଜନଙ୍କ ମୃତ୍ୟୁ ଘଟିଛି। ଲଗାଣ ବର୍ଷାରେ ବିମଳାଙ୍କ ଘର କାନ୍ଥ ବତୁରି ଦବି ଯାଇଥିଲା । ପରିବାର ଲୋକ ରବିବାର ଏହାର ମରାମତି କରୁଥିଲେ । ଅପରାହ୍ନ ୫ଟାରେ ବିମଳାଙ୍କ ଉପରେ କାନ୍ଥ ପଡିଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ରାତ୍ର ୨ଟାରେ ବିମଳାର ମୃତ୍ୟୁ ଘଟିଛି । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାରଟଙ୍କା ପ୍ରଦାନ କରାଯାଇଛି । ଏହା ସହ ରାଜସ୍ୱ ନିରିକ୍ଷକ ତହସିଲଦାରଙ୍କୁ ଏକ ରିପୋର୍ଟ ପ୍ରଦାନ କରିଛନ୍ତି । ତହସିଲଦାର ଧର୍ମରାଜ ମାଝୀ ଜିଲା ପ୍ରଶାସନ ଓ ସରକାରଙ୍କୁ ଏନେଇ ଏକ ରିପୋର୍ଟ ଦେଇଛନ୍ତି । ସରକାରଙ୍କ ନିର୍ଦ୍ଦେଶ ପରେ ଯାହା ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି।

### ଯବାନଙ୍କ ପକ୍ଷରୁ ସହର ସଫେଇ

ଝରିଗାଁ, ୨୭।୮(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଳକ ସଦର ମହକୁମାରେ ୧୫ ବାଟାଲିୟନ ବିଏସ୍ଏଫ୍ ଯବାନମାନେ ବସ୍ଷ୍ଟାଣ୍ଡ ଛକରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସଫା କରିଥିଲେ। ଏହାଛଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ମଧ ସେମାନେ ସଫା କରିଥିଲେ। ବାଟାଲିୟନର ଇନ୍ସପେକ୍ଟର ବିକ୍ରମ ସିଂ, ସବ୍ଇନ୍ସପେକ୍ଟର ବିକାଶ ଯାଦବ, ଦର୍ଶନ ସିଂ, ସୁରେଶ ମିନା, ପି.ଚକ୍ରବର୍ତ୍ତୀ ପ୍ରମୁଖ ଏହି ସଫେଇ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଆଗାମୀ ଦିନରେ ବ୍ଳକର ବିଭିନ୍ନ ଗ୍ରାମରେ ମଧ ଏଭଳି ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲ ୧୫ତମ ବାଟାଲିଅନ୍ ବିଏସ୍ଏଫ୍ ପକ୍ଷରୁ ସୂଚନା ମିଳିଛି।

### ଗଣଶିକ୍ଷକ ହତ୍ୟା ଘଟଣା
### ଫେରାର ଅଭିଯୁକ୍ତ ଗିରଫ

ନବରଙ୍ଗପୁର,୨୭।୮(ବି.ପ୍ର.)-ନବରଙ୍ଗପୁର ଜିଲା ସଦର ବ୍ଳକ ପତ୍ରମୁଣ୍ଡା ଗାଁର ଗଣଶିକ୍ଷକ ଗଣେଶ କୁମାର ମାଝୀ ହତ୍ୟା ଘଟଣାରେ ଫେରାର ଥିବା ଅଭିଯୁକ୍ତ କୋଷାଗୁମୁଡା ବ୍ଳକର ରାଯୋଡା ଗାଁର ପଦ୍ମନାଭ ମିଶ୍ର(ବୁଲୁ)ଙ୍କୁ ପୋଲିସ ସୋମବାର ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ଖଣ୍ଡକୁଡା ଗାଁର ପ୍ରଶାନ୍ତ କୁମାର ସାହୁଙ୍କୁ ପୋଲିସ ଗିରଫ କରିଥିଲା। ସୂଚନାଯୋଗ୍ୟ ଯେ ଏକ ଫାର୍ସା ଯୋଗେ ଗଣେଶଙ୍କୁ ହତ୍ୟା କରିବା ପରେ ଛୋଟ ଛୋଟ କରି ସେମାନେ ଅଖାରେ ଭର୍ତ୍ତି କରିଥିଲେ। ପରେ ବେହେରାମୁଣ୍ଡା ସ୍ଥିତ କୁସୁମ ଝର ଜଳଭଣ୍ଡାର କେନାଲ କୂପରେ ଫୋପାଡି ଦେଇଥିଲେ ।

### ସଚେତନତା ଶିବିର

ଉମରକୋଟ,୨୭।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଉମରକୋଟ ବ୍ଳକ ଅନ୍ତର୍ଗତ ପୂଜାରୀଭରଣ୍ଡି ଗ୍ରାମରେ ଉମରକୋଟ ତାଲୁକ୍ ଆଇନ ସେବା ପ୍ରାଧିକରଣ ତରଫରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ସଂଗଠନ ସେବାସଦନ ଆନୁକୂଲ୍ୟରେ ଏହି ଆଇନ ସେବା ସଚେତନତା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ତାଲୁକ୍ ଆଇନସେବା ପ୍ରାଧିକରଣର ଚେୟାରମ୍ୟାନ ତଥା ସବ୍ଜଜ ସ୍ମୃତିଲେଖା ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଚାରପତି ବିଭୂତି ଭୂଷଣ ନାୟକ, ଓକିଲ ଶ୍ରୀନବାସ ପଟ୍ଟନାୟକ, ରାମ ନାୟକ, ସେବାସଦନ ସ୍ୱେଚ୍ଛାସେବୀ ସଙ୍ଗଠନର ରାଜ୍ୟ ସମ୍ପାଦକ ସଞ୍ଜୀବ କୁମାର ସୁବୁଧି , ସଙ୍ଗଠନର ଉପଦେଷ୍ଟା କୃଷ୍ଣଚନ୍ଦ୍ର ଶତପଥୀ, ସରପଞ୍ଚ ଜଳନ୍ଧର ଗଣ୍ଡ ଓ ବିଡିଓ ତରଣୀ ସୁନା ଯୋଗ ଦେଇଥିଲେ । ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକ କିଭଳି ଜନସାଧାରଣ ପାଇପାରିବେ ମୁଖ୍ୟତଃ ଆଲୋଚନା କରାଯାଇଥିଲା । ବିଡିଓ ତରଣି ସୁନା ଯୋଗଦେଇ ଲୋକମାନେ ସରକାରଙ୍କ ଲୋକାଭିମୁଖି ଯୋଜନା କିପରି ଲାଭ ଉଠାଇ ପାରିବେ ଏବଂ ଲୋକମାନେ ନିଜ ଅଭିଯୋଗଗୁଡିକ ସ୍ଥାନୀୟ ବ୍ଳକ ଅଫିସକୁ ଆସି ଜଣାଇଲେ ସମାଧାନଗୁଡିକ ଶୀଘ୍ର ପୂରଣ ହେବ। କିନ୍ତୁ ଭାୟା ମିଡିଆ ନେଇ ଆସିଲେ, ସେମାନେ ଠିକ୍ ସମୟରେ ଅଭିଯୋଗପତ୍ର ଦାଖଲ କରନ୍ତି ନାହିଁ। ଫଳରେ ଅଭିଯୋଗଗୁଡିକ ଦୃଷ୍ଟିକୁ ନ ଆସିଲେ ଜନସାଧାରଣ ବାର୍ଦ୍ଧକ୍ୟ ଭତ୍ତାଠାରୁ ଆରମ୍ଭ କରି ଅନେକ ଯୋଜନାରୁ ବଞ୍ଚିତ ହୋଇଥାନ୍ତି । ଏହି କାର୍ଯ୍ୟକ୍ରମକୁ ଓକିଲ ଶ୍ରୀନିବାସ ପଟ୍ଟନାୟକ ପରିଚାଳନା କରିଥିଲେ ।

# ଡିଜିଟାଲ ଚିକିତ୍ସାଳୟର ଶୁଭାରମ୍ଭ

- ନାଳ ପାର ହୋଇ ଦୁର୍ଗମ ଅଞ୍ଚଳରେ ପହଞ୍ଚିଲେ ମନ୍ତ୍ରୀ
- ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଝରିଗାଁ,୨୭।୮(ସ୍ୱ.ପ୍ର)–

ଦୁର୍ଗମ ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ନବରଙ୍ଗପୁର ଜିଲା ଝରିଗାଁ ବ୍ଳକ ଚକଲାପଦର ପଞ୍ଚାୟତର ସଦର ଠାରେ ସୋମବାର ଅନୁସୂଚିତ ଜାତି ଓ ଜନଜାତି ପଛୁଆ ବର୍ଗ ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଡିଜିଟାଲ ଚିକିତ୍ସାଳୟର ଶୁଭାରମ୍ଭ କରିଛନ୍ତି। ପ୍ରଥମେ ଭିତରକରମରୀ ସ୍ଥିତ ତଳସାହିକୁ ବାଘପାଣିନାଳକୁ ପାରି ହୋଇ ମନ୍ତ୍ରୀ ଯାଇଥିଲେ। ଗାଁକୁ ତୁରନ୍ତ ପକ୍କା ରାସ୍ତା କରାଯିବା ସହ ବାଘପାଣି ନାଳରେ ପୋଲ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ତଳସାହିରେ ଆମଗାଁ ଆମ ବିକାଶ ସହାୟତାରେ ୨ ଲକ୍ଷ ଟଙ୍କା ଅଟକଳ ମୂଲ୍ୟର ବୈଠକ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସାତଭଉଣୀଖୋଲ ଗ୍ରାମକୁ ତୁରନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ରାଶନ କାର୍ଡ ସକାଶେ ବାଦ ପଡିଥିବା ପରିବାର ଆସନ୍ତା ସେପ୍ଟେମ୍ବର ୩ ସୁଦ୍ଧା ଆବେଦନ କରିବା ନେଇ ଗ୍ରାମବାସୀଙ୍କୁ ମନ୍ତ୍ରୀ କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ମହିଳାମାନେ ୭ ଲକ୍ଷ ଟଙ୍କାର ସହାୟତା ଏବଂ ପୁରୁଷମାନେ ୫ ଲକ୍ଷ ଟଙ୍କାର ସହାୟତା ପାଇପାରିବେ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଏହାପରେ ଚକଲାପଦର ପଞ୍ଚାୟତର ଦୁର୍ଗମ ଗାଁ ଡାହିମାଲ ଗ୍ରାମରେ ମା' ଘାଟିମୁଣ୍ଡିଆଣି ମନ୍ଦିର ଏବଂ ବୈଠକ ଗୃହ କରିବା ନେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ବାହାରକରମରୀ ଏବଂ ଲହଣ୍ଡାସିଲ ଗ୍ରାମକୁ ଗସ୍ତ କରି ସେଠାରେ ବୈଠକ ଗୃହ ଏବଂ ଆରଡି ରାସ୍ତା ଠାରୁ ଲହଣ୍ଡାସିଲ ଗ୍ରାମକୁ ପକ୍କା ରାସ୍ତା ତୁରନ୍ତ କରାଯିବ ବୋଲି କହିଥିଲେ। ଏହାପରେ ହଳଦୀଗୁଣ୍ଡି ହାଟପଦା, କଂଗ୍ରା ଗ୍ରାମ ଠାକୁରାଣୀ ମନ୍ଦିର କରାଯିବା ନେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି କଂଗ୍ରା ଗ୍ରାମ ଠାରେ ବୈଠକ ଗୃହ ସକାଶେ ଭିତ୍ତି ପ୍ରସ୍ତର ସ୍ଥାପନ ପରେ ଚକଲାପଦର ପଞ୍ଚାୟତ ସଦର ଠାରେ ରାଜ୍ୟ ସରକାର ଏବଂ ଗ୍ଲୋକାଲ୍ ହେଲ୍ଥ କେୟାରଙ୍କ ମିଳିତ ଉଦ୍ୟମରେ ଖୋଲାଯାଇଥିବା ଡିଜିଟାଲ ଚିକିତ୍ସାଳୟର ଶୁଭାରମ୍ଭ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ବିଡିଓ ରୁନୁ ଲାକ୍ରା, ଥାନା ଅଧିକାରୀ ଅଭୟ କୁମାର ବେହେରା, ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢୀ, ଏମପିଙ୍କ ବ୍ଳକ ପ୍ରତିନିଧି ଉଦୟନାଥ ନାୟକ, ମନ୍ତ୍ରୀଙ୍କ ବ୍ଳକ ପ୍ରତିନିଧି ପ୍ରୀୟରଞ୍ଜନ ଦାସ, ପଞ୍ଚାୟତ ସମିତି ଅଧକ୍ଷା ରମୁଲା ଗଣ୍ଡ, ଉପାଧକ୍ଷା ମଞ୍ଜୁଲତା ପନକା, ବ୍ଳକ ସୁରକ୍ଷା ଅଧିକାରୀ ପାର୍ଥଜିତ ମଣ୍ଡଳ, ମତ୍ସ୍ୟ ଅଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ, ପିଇଓ ନରେଶ କୁମାର ଜାଲ, ସରପଞ୍ଚ ଅନିତା ଦଳାଇଙ୍କ ସହ ରଜନୀକାନ୍ତ ପଟ୍ଟନାୟକ, ଜିଲା ଯୁବ ଉପ ସଭାପତି ଦେବଜ୍ୟୋତି ପଟ୍ଟନାୟକ, ବ୍ଳକ ଯୁବ ସଭାପତି ଦୁର୍ଗାପ୍ରସାଦ ମାଝୀ, ସୁଶାନ୍ତ ରାଓ, ଟିକ ମାଝୀ, ପିଙ୍କୁ କାହାଳିଆ, ନରହାରି ଧରୁଆଙ୍କ ସହ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ବାଘପାଣିନାଳ ପାର ହୋଇ ମନ୍ତ୍ରୀ ରମେଶ ମାଝି ଓ ଅନ୍ୟମାନେ ଯାଉଛନ୍ତି।


ଚାଷୀଙ୍କୁ ବିହନ ପ୍ରଦାନ କରାଯାଇଛି।

# ବ୍ଲକ କୃଷକ ପରାମର୍ଶ କମିଟି ବୈଠକ

ଡାବୁଗାଁ, ୨୭।୮ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଳକ ସଦରମହକୁମା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଠାରେ ବ୍ଳକ କୃଷକ ପରାମର୍ଶ କମିଟିର ବୈଠକ ଶନିବାର ଆତ୍ମା ସଭାପତି ରତ୍ନାକର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି , ପ୍ରାଣୀପାଳନ, ମତ୍ସ୍ୟ ଚାଷ, ଫଳ ଓ ପନିପରିବା ଚାଷ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଉନ୍ନତ ପ୍ରଣାଳୀରେ ଅଦିନିଆ ପନିପରିବା ଚାଷ, ସରକାରୀ ଯୋଜନା ଉପରେ ବିଭାଗୀୟ ଅଧିକାରୀମାନେ ଆଲୋଚନା କରିଥିଲେ । ଏହି ଅବସରରେ ବ୍ଳକ୍ ଅଧୀନ ବିଭିନ୍ନ ଗ୍ରାମରୁ ମୋଟ ୬୦ ଜଣ ଚାଷୀଙ୍କୁ ୨ କିଗ୍ରା ଲେଖାଏଁ ଅଳସୀ ବିହନ ପ୍ରଦାନ କରଯାଇଥିଲା । ଏଥିରେ ଆତ୍ମା ସଂଯୋଜକ ତଥା ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ, ସହକାରୀ ଉଦ୍ୟାନ ଅଧିକାରୀ ନିଳୟମ ଷଡଙ୍ଗୀ ଓ କମିଟିର ସଭ୍ୟ ସଦାଶିବ ପୂଜାରୀ, ଶ୍ୟାମଘନ ଭତ୍ରା, ଅଯୋଧ୍ୟା ମାଳୀ ଓ ସଭ୍ୟାସଭ୍ୟ ମାନେ ଉପସ୍ଥିତ ଥିଲେ ।

# ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

## ପୋଲିସଙ୍କୁ ବ୍ଲେଡରେ ଆକ୍ରମଣ କଲେ ଅଭିଯୁକ୍ତ

ଡାବୁଗାଁ,୨୭।୮(ଡି.ଏନ.ଏ.)–

ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ଡାବୁଗାଁ ବ୍ଳକ ଜୟନ୍ତୀନଗର ଗ୍ରାମର ସନ୍ୟାସୀ ହରିଜନ (୩୫)ଙ୍କୁ ଡାବୁଗାଁ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଶୁକ୍ରବାର ରାତି ୮ ଟାରେ ନବରଙ୍ଗପୁର ଜିଲା ଡାବୁଗାଁ ପୁରୁଣା ବସଷ୍ଟାଣ୍ଡ ଛକରେ ଥିବା ହାଇମାଷ୍ଟ ଲାଇଟ ମରାମତି କାମ ଚାଲିଥିଲା। ଏହି ସମୟରେ ଶ୍ରମିକ ମାନଙ୍କୁ ଜୟନ୍ତୀନଗର ଗ୍ରାମର ସନ୍ୟାସୀ ହରିଜନ ଆସି ଆମ ସାହିରେ ଲାଇଟ ଜଳୁନାହିଁ ଏଠି କାହିଁକି ଲାଇଟ ତିଆରି କରୁଛ କହି ଗାଳିଗୁଲଜ କରିବା ସହ କାମ ବନ୍ଦ କରିଥିଲେ। ସେହି ସମୟରେ ଡାବୁଗାଁ ଗ୍ରାମର ଟି.ମୁରଲୀ ରାଓ ଶ୍ରମିକ ମାନଙ୍କୁ କାହିଁକି ଗାଳି କରୁଛ ବୋଲି ସନ୍ୟାସୀଙ୍କୁ ପଚାରିଥିଲେ। ସନ୍ୟାସୀ ତାଙ୍କୁ ମଧ ଗାଳି ଗୁଲଜ କରି ହଠାତ ଏକ ଖଣ୍ଡା ବାହାର କରି ଆକ୍ରମଣ କରିଥିଲେ। ମୁରଲୀ ପଛକୁ ଚାଲିଯିବାରୁ ଖଣ୍ଡା ଆକ୍ରମଣରୁ ରକ୍ଷା ପାଇଥିଲେ । ଏନେଇ ମୁରଲୀ ଶନିବାର ଡାବୁଗାଁ ଥାନାରେ ସନ୍ୟାସୀ ନାମରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ଥାନାରେ ନଂ ୧୧୬/ ୧୮ରେ ଏକ ମାମଲା ରୁଜୁ କରି ସନ୍ୟାସୀଙ୍କୁ ଗିରଫ କରି ଆଣିଥିଲେ । ପୋଲିସ ସନ୍ୟାସୀଙ୍କୁ ଆଣି ଥାନାରେ ପହଞ୍ଚିବା ପରେ ଗାଡିରୁ ଓହ୍ଲାଇବା ବେଳେ ସେ ନିଜ ପ୍ୟାଣ୍ଟ ପକେଟରୁ ଏକ ବ୍ଲେଡ କାଢି ସବଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀଙ୍କୁ ଆକ୍ରମଣ କରିଥିଲା । ପୋଲିସ କୌଶଳ କରି ତାକୁ କାବୁ କରିଥିଲେ । ଏନେଇ ସବଇନ୍ସପେକ୍ଟର ପ୍ରମୋଦ କୁମାର ଖଣ୍ଡୁଆଳ ମଧ ଏକ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନାରେ ନଂ ୧୧୭/୧୮ରେ ଏକ ମାମଲା ରୁଜୁ କରାଯାଇଛି | ଉଭୟ ମାମଲାରେ ସନ୍ୟାସୀଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

# ୧୧ ଅଭିଯୋଗର ଶୁଣାଣି

ଚନ୍ଦାହାଣ୍ଡି, ୨୭।୮(ଡି.ଏନ.ଏ)– ନବରଙ୍ଗପୁର ଜିଲା ଅନ୍ତର୍ଗତ ଚନ୍ଦାହାଣ୍ଡି ବ୍ଳକ ପରିସରରେ ସୋମବାର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଅଭିଯୋଗ ଶୁଣାଣି ବେଳେ ଜିଲାପାଳ ଅନୁପସ୍ଥିତ ଥିଲେ। ନବରଙ୍ଗପୁର ଅତିରିକ୍ତ ଜିଲାପାଳ ପରିକ୍ଷୀତ ସେଠି, ଡିପିଓ ବସନ୍ତ ପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଜିଲା ବିଦ୍ୟୁତ ବିଭାଗର ଅଧିକାରୀ ବିକେ ମହାପାତ୍ର, ଜିଲା ଗ୍ରାମ୍ୟ ବିଭାଗ ଅଧିକାରୀଙ୍କ ସମେତ ଜିଲାର ବହୁ ଅଧିକାରୀ ଯୋଗ ଦେଇଥିଲେ। ବ୍ଲକ ଏସଇଓ ତୁଷାର ରଞ୍ଜନ ସାହୁ, ତହସିଲଦାର ହୃଦାନନ୍ଦ ମାଝି, ବିଡିଓ ତାପସ କୁମାର ଭୋଇ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ । ୧୧ଟି ଅଭିଯୋଗ ମଧ୍ୟରୁ ଜଙ୍ଗଲ ଜମି ପଟ୍ଟା, କେନ୍ଦୁପତ୍ର ତୋଳାଳି ଏବଂ ସ୍ୱାସ୍ଥ୍ୟ ବିଭାଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଶେଷରେ ଦିବ୍ୟାଙ୍ଗଙ୍କୁ ୫୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯିବା ସହ ଟ୍ରାଇସାଇକେଲ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଝୁମୁକଲାଲ ସାହୁ, ବରିଷ୍ଠ କଂଗ୍ରେସ ନେତା କ୍ଷେମରାଜ ବାଘ, କୃଷ୍ଣ ପୁଜାରୀ, ସରପଞ୍ଚ ଲଛମନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ସିପାହି ନିଯୁକ୍ତି ପାଇଁ ବିଏସଏଫ ପକ୍ଷରୁ ସଚେତନତା

ନବରଙ୍ଗପୁର,୨୭।୮(ବି.ପ୍ର.)–

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଳକ ମାଝିଗୁଡା ବ୍ଳକ ଠାରେ ୧୫ ବିଏସଏଫ ବାଟାଲିୟାନ ପକ୍ଷରୁ କନଷ୍ଟେବଳ(ସୀପାହୀ) ନିଯୁକ୍ତି ପାଇଁ ସଚେତନତା କରାଯାଇଛି । ଅଧିକରୁ ଅଧିକ୧୦ମ ଶ୍ରେଣୀ ପାସ ଯୁବକ, ଯୁବତୀ କିଭଳି ଆବେଦନ କରିବେ ସେ ନେଇ ସହଯୋଗ କରାଯିବ ବୋଲି କମାଣ୍ଡାଣ୍ଟ ଗୌରଭ ସିଂ ଜଣାଇଛନ୍ତି। ସେପ୍ଟେମ୍ବର ୧୭ ତାରିଖ ଆବେଦନର ଶେଷ ଦିନ ରହିଛି । ବିଭିନ୍ନ ସାଇବରଜୋନ, ମୋବାଇଲ ମାଧମରେ ମଧ ଅନଲାଇନ ଆବେଦନ କରିପାରିବେ । ଯେଉଁ ମାନେ ଆବେଦନ କରିବାରେ କିଛି ସମସ୍ୟା ଭୋଗୁଛନ୍ତି ତେବେ ସେମାନେ ବିଏସଏଫ କ୍ୟାମ୍ପକୁ ଆସିଲେ ଆବେଦନ ପାଇଁ ସହଯୋଗ କରାଯିବ । ପରୀକ୍ଷା ପାଇଁ କିଛି କୁଇଜ ବହି ପଢନ୍ତୁ । ସ୍ୱାସ୍ଥ୍ୟ ଓ ଉଚ୍ଚତା ଠିକ ରହିବା ସହ ଦୌଡିବା ଅଭ୍ୟାସ କରନ୍ତୁ । ଆବଶ୍ୟକ ସ୍ଥଳରେ କ୍ୟାମ୍ପକୁ ସକାଳ ୬ଟାରେ ପହଞ୍ଚିଲେ ଉଚ୍ଚଡିଆଁ ଓ ଲମ୍ବଡିଆ, ଅନ୍ୟାନ୍ୟ ଅଭ୍ୟାସ କରିବା ପାଇଁ ମାଗଣାରେ ସହଯୋଗ କରାଯିବ । ପରୀକ୍ଷା ପାଇଁ ୧ଶହ ଟଙ୍କା ଫିସ ରଖା ଯାଇଛି । ତେବେ ଅନୁସୂଚିତ ଜନଜାତି, ଜାତି, ମହିଳା ଓ ଦିବ୍ୟାଙ୍ଗ ପାଇଁ ପରୀକ୍ଷା ଫିସ ମାଗଣା ରହିଛି । ୫୪ ହଜାର ୯୫୩ ପଦବୀ ଖାଲି ରହିଛି । ପଦବୀ ମଧରେ ବିଏସଏଫ, ସିଆରପିଏଫ, ଏସଏସବି, ସିଆଇଏସଏଫ, ଆସାମ ରାଇଫଲ, ଏନଆଇଏ, ଏସଏସଏଫ ରହିଛି । ୧୮ରୁ ୩୨ ବର୍ଷ ଯୁବତୀ ଯୁବକ ମାନେ ଆବେଦନ କରିବେ । ଅନୁସୂଚିତ ଜନଜାତି ଓ ଜାତିଙ୍କ ପାଇଁ ୫ ବର୍ଷ ବୟସ କୋହଳ ଓ ଅନ୍ୟାନ୍ୟ ପଛୁଆବର୍ଗଙ୍କ ପାଇଁ ୩ ବର୍ଷ ବୟସସୀମା କୋହଳ ରହିବ ବୋଲି ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଡେପୁଟି କମାଣ୍ଡାଣ୍ଟ ଭିଶାଳ କୁମାର, ସୁବେଦାର ମେଜର ମହତାବ ବେହେରା ଓ ଏସଆଇ (ଜି) ଦାଶରଥି ପାଢୀ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।


ସିପାହି ନିଯୁକ୍ତି ପାଇଁ ବିଏସଏଫ ପକ୍ଷରୁ ସଚେତନତା କରାଯାଉଛି।

# ବାଜପେୟୀଙ୍କ ଚିତାଭସ୍ମ ଇନ୍ଦ୍ରାବତୀ ନଦୀରେ ବିସର୍ଜନ

ନବରଙ୍ଗପୁର/ଡାବୁଗାଁ, ୨୭।୮(ଡି.ଏନ.ଏ.)

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମକୁ ଜିଲା ଭାଜପା ପକ୍ଷରୁ ନବରଙ୍ଗପୁର ଇନ୍ଦ୍ରାବତୀ ନଦୀରେ ସୋମବାର ବିସର୍ଜନ କରାଯାଇଛି । ଉମରକୋଟରୁ ବାଜପେୟୀଙ୍କ ଚିତାଭସ୍ମକୁ ଇନ୍ଦ୍ରାବତୀ ନଦୀରେ ବିସର୍ଜନ ପାଇଁ ନେବା ଅବସରରେ ଡାବୁଗାଁ ବସଷ୍ଟାଣ୍ଡ ଠାରେ ଭାଜପା ତରଫରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଡାବୁଗାଁ ବିଧାନସଭା ମଣ୍ଡଳୀ ପ୍ରଭାରୀ କୁଞ୍ଜ ଦାସ, ଜିଲା ଉପସଭାପତି ଜୟନ୍ତ କୁମାର ପାତ୍ର ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ଡାବୁଗାଁ ମଣ୍ଡଳ ସଭାପତି ରାଜଶେଖର ରାଓ, କୋଟାଗାଁ ମଣ୍ଡଳ ସଭାପତି ପଦ୍ମନ ନାୟକ, ବୋରିଗାଁ ମଣ୍ଡଳ ସଭାପତି ଦଶମୁ କଳାର,ଜିଲା ଯୁବ ମୋର୍ଚ୍ଚା ଉପସଭାପତି ନରେଶ ସିଂ, ଭୀମସେନ ଜେନା, ଦୁର୍ଜନ ହରିଜନ, ମହେଶ ପାତ୍ର, ବିଶ୍ୱରଞ୍ଜନ ପାତ୍ର, ପ୍ରସାଦ ସିଂ ଉପସ୍ଥିତ ଥିଲେ। ପରେ ପାପଡାହାଣ୍ଡି ଦେଇ ନବରଙ୍ଗପୁର ମାଝିଗୁଡା ଛକରେ ଚିତାଭସ୍ମ ପହଞ୍ଚିଥିଲା । ସେଠାରୁ ଭାଜପାର କର୍ମକର୍ତ୍ତା, ବିଭିନ୍ନ ଅନୁଷ୍ଠାନର ଯୁବବର୍ଗ ଶୋଭାଯାତ୍ରାରେ ଚିତାଭସ୍ମକୁ ନେଇ ଇନ୍ଦ୍ରାବତୀ ନଦୀରେ ବିସର୍ଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଗୋବିନ୍ଦ ଜୈନ, ପୂର୍ବତନ ଏମପି ପର୍ଶୁରାମ ମାଝୀ, ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରମେଶ ସାହୁ ଓ ମନୋରମା ନାୟକ , ନଗର ମୋର୍ଚ୍ଚା ସଭାପତି ସୁବ୍ରତ ମିଶ୍ର, ଦିବାକର ବିଷୋୟୀ, କାହ୍ନୁ ଦାଶ, ସଞ୍ଜୀବ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ ।


ବାଜପେୟୀଙ୍କ ଚିତାଭସ୍ମକୁ ଶୋଭାଯାତ୍ରାରେ ନିଆଯାଉଛି।

# ଆଇନ ସଚେତନତା

ନବରଙ୍ଗପୁର, ୨୭।୮(ବି.ପ୍ର.)– ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ସବ୍ ଜେଲରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଭଳି ମାଗଣା ଆଇନ ସେବାର ଲାଭ ନେଇହେବ ସେ ନେଇ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଡିସିପିଓ ସୁରେଶ କୁମାର ପଟ୍ଟନାୟକ ଯୋଗଦେଇ କିଶୋର ଆଇନ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥିଭାବେ ମନୋରମା ମାଝି ଓ ଜେଲର ସନ୍ତୋଷ ପଟ୍ଟନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୩୦ ଜଣ ଅଭିଯୁକ୍ତ ଓ ବିଚାରାଧୀନ ଅନ୍ତେବାସୀ ଉପସ୍ଥିତ ଥିଲେ। ଜେଲ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗହ୍ମା ପୂର୍ଣ୍ଣିମାରେ ଗହ୍ମାଡିଆଁ ପ୍ରତିଯୋଗିତା

ଉମରକୋଟ,୨୭।୮(ଡି.ଏନ.ଏ)–

ନବରଙ୍ଗପୁର ଜିଲା ଉମରକୋଟ ଭିତରଗଡ ସାହିର ନୀଳଚକ୍ର ସାଂସ୍କୃତିକ ପରିଷଦ କ୍ଳବ ତରଫରୁ ସୋମବାର ଗମାଡିଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଳବର ସଭାପତି ବସନ୍ତ କୁମାର ଜେନା, ସମ୍ପାଦକ ପୂର୍ଣ୍ଣ ମାଝି, ପରିଷଦର ସଭ୍ୟ ଇଲୁ ପୂଜାରୀ, ଶଙ୍କର ଜେନା, ଉଗ୍ର ପୂଜାରୀ, ଗିରି ପୂଜାରୀ, ଦୟା ପୂଜାରୀ, ରବିନ୍ଦ୍ର ପୂଜାରୀ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ଓକିଲ ରାମ ନାୟକ, ସମ୍ମାନିତ ଅତିଥି ଓକିଲ ଅର୍ଜୁନ ନାୟକ ଯୋଗ ଦେଇଥିଲେ। ଏଥିରେ ଉମରକୋଟ ସହର ଓ ଆଖପାଖ ଅଞ୍ଚଳର ଯୁବକମାନେ ଭାଗ ନେଇଥିଲେ। ବିଜେତାଙ୍କ ପାଇଁ ପ୍ରଥମ ପୁରସ୍କାର ଡାଇନିଂ ଟେବୁଲ, ୨ୟ ପୁରସ୍କାର ହୋମ ଥିୟଟର, ୩ୟ ପୁରସ୍କାର ଟେବୁଲ ଫ୍ୟାନ ଭଳି ୧୩ଟି ପୁରସ୍କାର ରଖାଯାଇଥିଲା। ଏଥିରେ ପ୍ରଥମ ପୁରସ୍କାର ଅଜିତ କୁମାର ନାୟକ, ୨ୟ ପୁରସ୍କାର ସଜ୍ଜୁ ହରିଜନ, ୩ୟ ପୁରସ୍କାର ମୋହନ ହରିଜନ ହାସଲ କରିଥିଲେ।


ଗହ୍ମାଡିଆଁ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକମାନେ।

# ପିଚୁ ରାସ୍ତାରେ ପଡିଲା ମାଟି

## ଲୋକେ ହେଉଛନ୍ତି ହୀନସ୍ତା

ନବରଙ୍ଗପୁର, ୨୭।୮(ବି.ପ୍ର.)– ନବରଙ୍ଗପୁର ପୌରାଞ୍ଚଳର ୧୩ ନମ୍ବର ୱାର୍ଡକୁ ସଂଯୋଗ କରୁଥିବା ରାସ୍ତା ଏବେ କାଦୁଅ ପଚପଚ । ବସଷ୍ଟାଣ୍ଡ ପଛ ପାଖ ଦେଇ ପିଚୁ ରାସ୍ତା ରହିଥିଲା । ଯାହାକି ୱାର୍ଡର ଗାବାଗୁଡା ସାହି ଦେଇ ମୁଖ୍ୟ ରାସ୍ତା ୨୬ ନମ୍ବର ଜାତୀୟ ରାଜପଥ ସଂଯୋଗ କରୁଛି । ଅନ୍ୟ ପକ୍ଷେ ଉକ୍ତ ରାସ୍ତା ଦୈନିକ କୃଷକ ବଜାର ଓ ସହରକୁ ସଂଯୋଗ କରୁଛି । ବସଷ୍ଟାଣ୍ଡର ପାଣି ନିଷ୍କାସନ ପାଇଁ ତିନିଛକ ରାସ୍ତା ନିକଟରେ ସିମେଣ୍ଟ ପାଇପ ପକାଇ କଲଭର୍ଟ ତିଆରି କରାଗଲା । ସେତିକିରେ ଠିକା କାମ ଶେଷ ହୋଇଗଲା । ଡ୍ରେନ ଓ ପାଣି ନିଷ୍କାସନ ବ୍ୟବସ୍ଥା ହୋଇଥିବା ବେଳେ ମାଟି ପାକାଇ ଠିକାଦାର ନିଜର ଦାୟିତ୍ୱ ତୁଲାଇ ଦେଲେ । ଯେଉଁ ଉଦ୍ଦେଶ୍ୟରେ ଏହି ରାସ୍ତା କରାଯାଇଛି ସେମାନଙ୍କ ସମୂହ ଦୃଷ୍ଟିକୁ ଗୁରୁତ୍ୱ ଦିଆଗଲା ନାହିଁ । ପିଚୁ ରାସ୍ତାରେ ମାଟି ପକାଇ ଦେବା ଦ୍ୱାରା ଆଣ୍ଠୁଏ କାଦୁଅ ହୋଇ ଯାଇଛି । ଗାଡି ମଟର ଯିବା ଆସିବା ଦୂରେ ଥାଉ ପାଦଚଲା ପାଇଁ ମଧ ସମସ୍ୟା ହୋଇପଡିଛି । ଏନେଇ ପୌର ପ୍ରଶାସନ ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେବାକୁ ୱାର୍ଡ ବାସୀ ଦାବୀ କରିଛନ୍ତି।


କାଦୁଅରେ ପରିପୂର୍ଣ୍ଣ ହୋଇଥିବା ରାସ୍ତା।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଅଗଷ୍ଟ ୨୮/୨୦୧୮ Rayagada, Tuesday, August 28/ 2018

## ସଂକ୍ଷେପରେ

### ବାଜପେୟୀଙ୍କ ଅସ୍ଥି କଳସ ବିସର୍ଜନ

କାଲିମେଳା, ୨୭।୮ (ଡି.ଏନ.ଏ) – ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥି କଳସ ସୋମବାର ସାବେରୀ ,ସିଲେରୁ ଓ ଗୋଦାବରୀ ନଦୀ ତ୍ରିବେଣୀ ସଙ୍ଗମ ଘାଟରେ ବିସର୍ଜନ କରାଯାଇଛି। ପୋଟେରୁ ନିକଟରେ ଭାଜପାର କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ସ୍ୱାଗତ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ କାଲିମେଳା ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀ,ସମ୍ପାଦକ ବିଶ୍ୱକେସନ ଦାସ,ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ, ସମିର ମିସ୍ତ୍ରି, ପ୍ରମିଳା ଦାସ, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ଜିଲା ସଭାପତି ଅଶୋକ ପରିଡା, ପଡିଆ ବ୍ଲକ ଅଧ୍ୟକ୍ଷ ଦେବା ମାଡକାମି, ସଞ୍ଜୟ ସରକାର, ଗଣେଶ ମଣ୍ଡଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଅନ୍ତେବାସୀଙ୍କ ରକ୍ତ ପରୀକ୍ଷା

ମାଲକାନଗିରି, ୨୮।୮ (ଡି.ଏନ୍.ଏ.) କୋରୁକୋଣ୍ଡା ବ୍ଲକ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ୩।୮ ୧୮ ଅନ୍ତେବାସୀଙ୍କ ମ୍ୟାଲେରିଆ ରକ୍ତନମୁନା ପରୀକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୩୨ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ବିଦ୍ୟାଳୟଗୁଡିକୁ ଯାଇ ପରୀକ୍ଷା କରିଛନ୍ତି। ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ଦେବାଶୀସ ନାୟକ, ହରପ୍ରସାଦ ତାରିଣି, ଅମୂଲ୍ୟରତ୍ନ ଷଡଙ୍ଗୀ, ଅବିନାଶ ଚନ୍ଦ୍ର ରାୟ ଉପସ୍ଥିତ ଥିଲେ।

# ୬ ଯୁବକଙ୍କୁ ଘରୁ ଉଠାଇ ନେଇ ପୋଲିସର ମାଡ଼

ଚିତ୍ରକୋଣ୍ଡା, ୨୭।୮


ଅଭିଯୋଗ କରୁଥିବା ଯୁବକମାନେ ।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ କୁର୍ମାନୁର ପଞ୍ଚାୟତର ଘାଟିଗୁଡ଼ା, ସାଦ୍ରୀ, ଦୁଲାଖୁଣ୍ଟି ଗ୍ରାମବାସୀ ପୋଲିସ ବିରୋଧରେ ଅଭିଯୋଗ ଆଣିଛନ୍ତି । ଗତ ୧୦ ତାରିଖରେ ନାରାୟଣ ପଲାସି ନାମକ ଜଣେ ପୋଷ୍ଟ ମାଷ୍ଟରଙ୍କୁ ହତ୍ୟା କରିବା ଘଟଣାରେ ସମ୍ପୃକ୍ତ ଥିବା କହି ଉପରୋକ୍ତ ଗ୍ରାମର କେତେକ ଯୁବକଙ୍କୁ ପୋଲିସ ମାରପିଟ କରିଥିବା ଅଭିଯୋଗ ହୋଇଛି । ଭୋର ସମୟରେ କିଛି ବନ୍ଧୁକଧାରୀ ପୋଲିସ ଗ୍ରାମରେ ପହଞ୍ଚି ଯୁବକମାନଙ୍କୁ ଘରୁ ଡାକି ନେଇ ମାରପିଟ କରିଥିଲେ । ଆଉ କେତେକଙ୍କୁ ସେମାନଙ୍କ ସହ ନେଇ ଦୁଇ ଦିନ ରଖିବା ପରେ ଛାଡିଥିଲେ। ଘାଟିଗୁଡା ଗ୍ରାମର ସୋନୁ ମୁଦୁଲି, ରାମଚନ୍ଦ୍ର ଖିଲ, ସାଦ୍ରୀ ଗ୍ରାମର ସନ୍ୟାସୀ ରାଓ କରନ, ବାବୁଲି କରନ, କହ୍ନାୟା କରନ ଏବଂ ଦୁଲାଖୁଣ୍ଟି ଗ୍ରାମର ଚିନ୍ନା ରାଓଙ୍କୁ ପୋଲିସ ମାରପିଟ କରିବା ସହ କେତେକଙ୍କୁ ଘରୁ ଉଠାଇ ନେଇଥିବା ଅଭିଯୋଗ କରିଛନ୍ତି । ତେବେ ଏନେଇ ଗ୍ରାମବାସୀ କାହାରି ନିକଟରେ ଅଭିଯୋଗ କରି ନ ଥିବା ଜଣାପଡିଛି । ଘଟଣା ସମ୍ପର୍କରେ ମାଲକାନଗିରି ଏସପି ଏଭଳି ଘଟଣା ସମ୍ପର୍କରେ ସେ ଜାଣି ନ ଥିବା କହିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଜ୍ଞାନମେଳା

ଚିତ୍ରକୋଣ୍ଡା, ୨୭।୮ – ଚିତ୍ରକୋଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚଳିତ ୨୦୧୮–୧୯ ବର୍ଷ ପାଇଁ ବିଦ୍ୟାଳୟ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୨ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିଶୁମାନେ ବିଜ୍ଞାନ ପ୍ରଶ୍ନ ମଞ୍ଚ, ଗଣିତ ପ୍ରଶ୍ନ ମଞ୍ଚ ସମେତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗୀଙ୍କ ମଧ୍ୟରୁ ୨୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ବାଲିମେଳା ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ। ପ୍ରଥମ ଅଧିକାର କରିଥିବା ଶିଶୁମାନେ ହେଲେ ଗଣିତ ପ୍ରଶ୍ନ ମଞ୍ଚରେ ପି.ଯଶୋବନ୍ତ ନାୟକ, ଅଦ୍ୟଶା ନାୟକ ଓ ପୂଜା ମଲିକ। ବିଜ୍ଞାନ ପ୍ରଶ୍ନମଞ୍ଚରେ ଶୁଭଙ୍କର ରାୟ, ପ୍ରିୟଙ୍କା ପାଲ ଏବଂ ସଂସ୍କୃତଜ୍ଞାନ ପ୍ରଶ୍ନ ମଞ୍ଚରେ ଅଭିଷେକ ମଲିକ, ଅନିମେଶ ସାଇ ଓ ପ୍ରିୟା ଜେନା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ବିଜ୍ଞାନମେଳା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଲୁକାୟିତ ପ୍ରତିଭାର ବିକଶ ହୋଇପାରିବ ବୋଲି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ଚିତ୍ରକୋଣ୍ଡା ଉଚ୍ଚ ପ୍ରାଥମିକବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶେଷଦେବ ପ୍ରଧାନ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ପରିତୋଷ ମଣ୍ଡଳ, ସହ ପ୍ରଧାନାଚାର୍ଯ୍ୟ ସବିତାମୟୀ ମହାପାତ୍ର,ବିଜ୍ଞାନ ଶିକ୍ଷୟିତ୍ରୀ ସସ୍ମିତା ପରିଡା ମେଳା ପରିଚାଳନା କରିଥିଲେ।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ନଗର ପରିକ୍ରମା କଲା ବାଜପେୟୀଙ୍କ ଅସ୍ଥି କଳସ

ରାୟଗଡା ଅଫିସ୍, ୨୭।୮: ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ସୋମବାର ଏକ ସର୍ବଦଳୀୟ ସଭା ଅନୁଷ୍ଠିତ ହୋଇଛି । ସ୍ଥାନୀୟ କୃଷ୍ଣଚନ୍ଦ୍ର ନଗର ଭବନ ପରିସରରେ ଆୟୋଜିତ ସ୍ମୃତି ସଭାରେ ଅସ୍ଥି କଳସକୁ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଅସ୍ଥି କଳସକୁ ନଗର ପରିକ୍ରମା କରାଯାଇଥିଲା । ସ୍ମୃତି ସଭାରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ପହଞ୍ଚି ସ୍ୱର୍ଗତ ବାଜପେୟୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରାୟଗଡା ଜିଲା ଭାଜପା ତରଫରୁ ଏହାର ଆୟୋଜନ ହୋଇଥିବା ବେଳେ ବିଜେଡି, କଂଗ୍ରେସ ଓ ଅନ୍ୟାନ୍ୟ ଦଳର ସମସ୍ତ ତୁଙ୍ଗ ନେତା ପହଞ୍ଚି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟ ଏନ୍.ଭାସ୍କର ରାଓ, ବିଧାୟକ ଲାଲ୍‌ବିହାରୀ ହିମିରିକା, ବିଜେଡି ଜିଲା ଉପସଭାପତି ବି.ତିରୁପତି, କଂଗ୍ରେସ ଜିଲା ସଭାପତି ଦୁର୍ଗାପ୍ରସାଦ ପଣ୍ଡା, ଉପସଭାପତି ସୁନୀଲ କୁମାର ପଣ୍ଡା, ଶଙ୍କର୍ଷଣ ମଙ୍ଗରାଜ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝି, ବରିଷ୍ଠ ନେତା ମକରନ୍ଦ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଭାଜପା ଜିଲା ସଭାପତି ଶିବଶଙ୍କର ଉଲ୍ଲାକା, ଅନୁସୂଚିତ ଜନଜାତି ମୋର୍ଚ୍ଚାର ଜାତୀୟ ଉପସଭାପତି କଳୀରାମ ମାଝି, କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ରଜତ ମାଦଳା, ଜିଲା ଉପସଭାପତି ହଳଧର ମିଶ୍ର, ସାଧାରଣ ସମ୍ପାଦକ ଭାସ୍କର ପଣ୍ଡା, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୌରୀ ମାଣ୍ଡାଙ୍ଗୀ, ଯୁବନେତା ବସନ୍ତ ଉଲ୍ଲାକା ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ । ବାଜପେୟୀଙ୍କର ଏହି ଅସ୍ଥି କଳସକୁ ରାୟଗଡା ଜିଲାର ବିଭିନ୍ନ ବ୍ଲକକୁ ନିଆଯିବ । ଆସନ୍ତା ୨୯ତାରିଖରେ ଗୁଣପୁରରେ ବଂଶଧାରା ନଦୀରେ ବିସର୍ଜନ କରାଯିବ ।

### ଲଗାଣବର୍ଷାରେ ଭୁଶୁଡ଼ିଲା ଘର

ଟିକିରି,୨୭।୮(ଡ଼ି.ଏନ.ଏ): ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରିରେ ଦୁଇ ଦିନ ହେଲା ଲଗାଣ ବର୍ଷା ଲାଗି ରହିଛି। ଫଳରେ ଜାମୁଗୁଡ଼ାଠାରେ ଅଭିମନ୍ୟୁ ସାହୁଙ୍କ ଘରେ ପାଣି ପଶିଯାଇଥିଲା । ପରେ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା । ଫଳରେ ଅଭିମନ୍ୟୁଙ୍କ ସ୍ତ୍ରୀ ଓ ତିନି ସନ୍ତାନ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

### ବିଏସ୍‌ଏନ୍‌ଏଲ୍ ସେବା ନେଇ ଅଭିଯୋଗପତ୍ର

ଚନ୍ଦ୍ରପୁର,୨୭।୮(ଡ଼ି.ଏନ.ଏ): ରାୟଗଡ଼ା ଜିଲା ଚନ୍ଦ୍ରପୁର ସଦର ମହକୁମାରେ ଥିବା ବିଏସ୍‌ଏନ୍‌ଏଲ୍ ଟାୱାର କାମରେ ଲାଗୁନି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ସ୍ଥାୟୀ ପ୍ରତିକାର କରିବା ନିମନ୍ତେ ଏକ ଅଭିଯୋଗ ପତ୍ର ଶନିବାର କୋରାପୁଟ ବିଏସଏନଏଲ କାର୍ଯ୍ୟାଳୟର ଜେନେରାଲ ମ୍ୟାନେଜର , ଟେଲିକମ ବିଭାଗ ଏସଡ଼ିଓ ଓ ଜିଲାପାଳଙ୍କୁ ଡ଼ାକଯୋଗେ ପ୍ରେରଣ କରାଯାଇଛି । ଯଦି ତୁରନ୍ତ ଏହାର ସମାଧାନ କରା ନ ଯାଏ ତାହାହେଲେ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି। ସରପଞ୍ଚ ସୁଜିତ୍ ବ୍ରେଡ଼େକା, ପାର୍ବତୀ ଗଗେରେଙ୍ଗା, ଗାହୀ ଅନ୍ଧନାକା, ସୁବାସ ମାଝି, ଦୁର୍ଗା ଦଳେଇ, ଗଙ୍ଗାଧର ବେହେରା, ପ୍ରଶାନ୍ତା ଗୁମିଡ଼େଙ୍ଗା, ଚନ୍ଦ୍ରଶେଖର ଦୋରା, ରାଜେନ୍ଦ୍ର ମାଳବିଶୋଇ ପ୍ରମୁଖ ୨୦୦ରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀଙ୍କ ଦସ୍ତଖତ ଥିବା ଅଭିଯୋଗ ପତ୍ର ପ୍ରେରଣ କରିଛନ୍ତି। ଏଠାରେ ୨୦୦୫ରେ ଟାୱାରଟି ନିର୍ମାଣ କରାଯାଇଥିଲା । ହେଲେ ତାହା ସମ୍ପୂର୍ଣ୍ଣ କାମରେ ଲାଗୁନି ବୋଲି ଚନ୍ଦ୍ରପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭୀମ ଗଗେରେଙ୍ଗା ଅଭିଯୋଗ କରିଛନ୍ତି । ଏହାର ନେଟୱାର୍କ ଠିକ୍ ଭାବେ କାମ କରୁନି । ଉପଭୋକ୍ତାମାନେ ନାମକୁ ମାତ୍ର ଅର୍ଥ ବିନିଯୋଗ କରି ଅଯଥା ହଇରାଣ ହେଉଛନ୍ତି। ଏହି ଟାୱାରରେ ଖଞ୍ଜା ଯାଇଥିବା ମେଶିନଗୁଡ଼ିକ ଅତି ନିମ୍ନମାନର । ଏନେଇ ଟେଲିଫୋନ ବିଭାଗର ଏସଡ଼ିଓ ଓ ଅନ୍ୟ କର୍ମଚାରୀମାନଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଅଭିଯୋଗ କରାଯାଇଛି ।

# ଯୁବକଙ୍କୁ ଆକ୍ରମଣ, ଉତ୍ତେଜନା

- ଗ୍ରାମରେ ପୋଲିସ ମୁତୟନ
- ସମାଧାନ ନେଇ ଆପୋସ ବୁଝାମଣା
- ଥାନାରେ ହୋଇନି ଏତଲା




୨ଜଣ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ।

ଜେକେପୁର/ରାୟଗଡା ଅଫିସ୍, ୨୭।୮(ଡି.ଏନ୍.ଏ)

ରାୟଗଡା ଜିଲା କୋଲନରା ବ୍ଲକ୍ ଥେରୁବାଲିଠାରେ ରବିବାର ସନ୍ଧ୍ୟାରେ ଗୁନାଖାଲ ଗ୍ରାମର ୩ଜଣ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଫଳରେ ସେମାନେ ଆହତ ହୋଇଛନ୍ତି । ସେମାନେ ହେଲେ ଗୁନାଖାଲ ଗ୍ରାମର ଟୁନା କାଡ୍ରାକା(୨୨), ମୁନା କାଡ୍ରାକା(୨୫), ଟୁନା ତାଡିଙ୍ଗୀ । ସେମାନଙ୍କ ମଧ୍ୟରୁ ଟୁନା ଓ ମୁନାଙ୍କ ଅବସ୍ଥା ଗୁରୁତର ରହିଛି । ଟୁନା ତାଡ଼ିଙ୍ଗୀ ସାମାନ୍ୟ ଆହତ ହୋଇଛି । ଏନେଇ ଦୁଇଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଲାଗି ରହିଛି । ଘଟଣାର ସମାଧାନ ନ ହେଲେ ଯେକୌଣସି ମୁହୂର୍ତ୍ତରେ ଗୋଷ୍ଠୀ ସଂଘର୍ଷ ଘଟିପାରେ ବୋଲି ଆଶଙ୍କା ଦେଖାଦେଇଛି।

ରବିବାର ଥେରୁବାଲି ଡିପି କ୍ୟାମ୍ପ ନିକଟ ତଥା ଥେରୁବାଲି ଛକ ପାର୍ଶ୍ୱରେ ଥିବା ଏକ ବିଦେଶୀ ମଦ ଦୋକାନରେ ଟୁନା, ମୁନା ,ଟୁନା ତାଡିଙ୍ଗୀ ଓ ମଦ ଦୋକାନ ମାଲିକ କମାନା ମହାନନ୍ଦିଆଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହେବା ସହ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ପରେ ଉକ୍ତ ୩ ଯୁବକ ଚାଲି ଚାଲି ଘରକୁ ଫେରୁଥିଲେ । ଏହି ସମୟରେ କମାନା ମହାନନ୍ଦିଆଙ୍କ ପୁଅ ଚନ୍ଦ୍ରମା ସାଥୀରେ ୩୦/୪୦ଜଣ ଯୁବକଙ୍କୁ ଧରି ଡିପି କ୍ୟାମ୍ପ ଉପାନ୍ତ ବ୍ରିଜ୍ ନିକଟରେ ସେମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ପରେ ଟୁନା ଓ ମୁନା ଗୁରୁତର ହୋଇଥିବା ବେଳେ ଟୁନା ତାଡିଙ୍ଗୀ ସେଠାରୁ କୌଶଳକ୍ରମେ ଖସି ଆସି ଘଟଣାସମ୍ପର୍କରେ ଗ୍ରାମାବସୀଙ୍କୁ ଜଣାଇଥିଲେ। ଖବରପାଇ ଘଟଣାସ୍ଥଳରେ ସେମାନଙ୍କ ପରିବାର ଲୋକ ଏବଂ ଗ୍ରାମବାସୀ ପହଞ୍ଚିବାରୁ ଆକ୍ରମଣକାରୀ ପଳାଇ ଯାଇଥିଲେ । ଗ୍ରାମବାସୀ ଆହତମାନଙ୍କୁ ଉଦ୍ଧାର କରି ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳରେ ଭର୍ତ୍ତି କରିଛନ୍ତି । ସୋମବାର ଗୁନାଖାଲ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ହାତରେ ଠେଙ୍ଗାବାଡି ଧରି ଥେରୁବାଲିର ଡିପି କ୍ୟାମ୍ପରେ ପହଞ୍ଚିଥିଲେ । ପରେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ସଂଘର୍ଷ ଆଶଙ୍କାରେ ଦୋକାନ ମାଲିକଙ୍କ ଗ୍ରାମ ପିଣ୍ଡାପଦରରେ ପୋଲିସ ମୁତୟନ କରାଯାଇଛି । ଉଭୟପକ୍ଷରୁ ଭଦ୍ର ଲୋକଙ୍କ ମାଧ୍ୟମରେ ଘଟଣାର ଆପୋଷ ସମାଧାନ ପାଇଁ ଚେଷ୍ଟା ଚାଲିଛି । ଏନେଇ ଥାନାରେ କୌଣସି ପକ୍ଷରୁ ଲିଖିତ ଭାବେ ଏତଲା ଦିଆଯାଇନାହିଁ ବୋଲି ଭାରପ୍ରାପ୍ତ ଥାନାଧିକାରୀ ରାଜେଶ ନାୟକ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଚାନ୍ଦିଲି ଥାନାଧିକାରୀ ମନୋଜ କୁମାର ବେହେରାଙ୍କୁ ପଚାରିବାରୁ, ଘଟଣା ଘଟିବା ସମୟରେ ଥେରୁବାଲି ଫାଣ୍ଡି ଦାୟିତ୍ୱରେ ଥିବା ଏସ୍‌ଆଇ ଜେକେ କାଗଜକଳ ସମ୍ମୁଖରେ ହେଉଥିବା ଆନ୍ଦୋଳନରେ ଡ୍ୟୁଟିରେ ଥିଲେ । ସୂଚନାପାଇ ଘଟଣାସ୍ଥଳରେ ପହଞ୍ଚି ପୋଲିସ ତଦନ୍ତ ଜାରି ରଖିଛି ବୋଲି କହିଥିଲେ ।



ଉଭୟ ପକ୍ଷ ମଧ୍ୟରେ ଆଲୋଚନା କରାଯାଉଛି ।

# ଟ୍ରକ ଧକ୍କାରେ ଜଣଙ୍କ ହାତ କଟିଲା

## ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ଗୁଣପୁର,୨୭।୮(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ଶିରିଝୋଲି ପଞ୍ଚାୟତ ରେଙ୍ଗଳପଦର ଗ୍ରାମ ନିକଟରେ ସୋମବାର ଏକ ଟ୍ରକ ଧକ୍କାରେ ଅଟୋରେ ବସିଥିବା ଜଣେ ଲୋକଙ୍କ ହାତ କଟି ଯାଇଛି । ସେ ହେଲେ ଗାଦିଆଖଳା ପଞ୍ଚାୟତ ଓରୋ ଗ୍ରାମର ସମ୍ବରା ଶବର(୫୫) । ତାଙ୍କୁ ପ୍ରଥମେ ଗୁଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଏହାର ପ୍ରତିବାଦରେ ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ । ଫଳରେ ୩ ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା ।

ସୋମବାର ଅଟୋରେ ସମ୍ବାରା ଏବଂ ଅନ୍ୟମାନେ ଗୋଠଳପଦର ଅଞ୍ଚଳକୁ ଭୋଜି ଖାଇବାକୁ ଯାଇଥିଲେ । ସେଠାରୁ ଅପରାହ୍ନରେ ଘରକ ଫେରୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଟ୍ରକ ଅଟୋରେ କଡ଼ରେ ବସିଥିବା ସମ୍ବରାଙ୍କୁ ଧକ୍କା ଦେଇଥିଲା । ଫଳରେ ସେଠାରେ ତାଙ୍କର ଡାହାଣ ହାତ ସଂପୂର୍ଣ୍ଣ ଛିଣ୍ଡି ତଳେ ପଡି ଯାଇଥିଲା । ଧକ୍କା ଦେବା ପରେ ଟ୍ରକ ଆନ୍ଧ୍ର ଅଭିମୁଖେ ଚାଲିଯାଇଥିଲା। ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେବା ସହ ରାସ୍ତାରୋକୋ କରିଥିଲେ । ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ । ପରେ ଆନ୍ଧ୍ରର ବାଡ଼ିଲି ଅଞ୍ଚଳରୁ ଟ୍ରକକୁ ଜବତ କରି ଥାନାକୁ ଅଣାଯାଇଥିଲା। ଟ୍ରକ ଜବତ ହେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା ।



ଉତ୍ୟକ୍ତ ଲୋକମାନଙ୍କୁ ପୋଲିସ ବୁଝାଶୁଝା କରୁଛି ।

### ପୁଣି ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ

ରାୟଗଡା ଅଫିସ୍, ୨୭।୮

କିଛିଦିନ ହେଲା ରାୟଗଡା ଜିଲାରେ ଡେଙ୍ଗୁରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଫଳରେ ଡେଙ୍ଗୁକୁ ନେଇ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସୋମବାର ପୁଣି ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ସେ ହେଲେ ରାୟଗଡା ବ୍ଲକ୍ ହାଲୁଆ ପଞ୍ଚାୟତର ଜପାଖାଲ ଗ୍ରାମର ଅନୁଜ ସେନାପତି(୨୭) । ଗତ ୨୨ତାରିଖରେ ତାଙ୍କୁ ଜ୍ୱର ହୋଇଥିଲା। ଏହାପରେ ସେ ଡାକ୍ତରଙ୍କ ପରାମର୍ଶ କରି ଔଷଧ ଖାଇଥିଲେ । ଜ୍ୱର ଆଶିଂକ ଭଲ ହେବାରୁ ସେ ନିଜ ଘରକୁ ଚାଲିଯାଇଥିଲେ। ପରେ ତାଙ୍କ ନାକରୁ ରକ୍ତସ୍ରାବ ହେବା ଆରମ୍ଭ ହୋଇଥିଲା । ସ୍ୱାସ୍ଥ୍ୟ ଅବସ୍ଥା ଗମ୍ଭୀର ହେବାରୁ ପରିବାର ଲୋକେ ତାଙ୍କୁ ରବିବାର ବିଷମକଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସୋମବାର ତାଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

# ଖୁଞ୍ଜିଲିଙ୍ଗ ଗ୍ରାମରେ ବଣ୍ଟାଗଲା ପଲିଥିନ



ବଣ୍ଟନ କରାଯାଇଥିବା ପଲିଥିନକୁ ଗ୍ରାମବାସୀ ନେଇ ଯାଉଛନ୍ତି ।

ରାୟଗଡା ଅଫିସ୍, ୨୭।୮

ରାୟଗଡା ବ୍ଲକ୍ ଖୁଞ୍ଜିଲିଙ୍ଗ ଗ୍ରାମରେ ଗତ ଜୁଲାଇରେ ହୋଇଥିବା ଲଗାଣ ବର୍ଷାରେ ବହୁ ଘର ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଫଳରେ ମାସକରୁ ଅଧିକ ସମୟ ହେବ ୩୦ ପରିବାର ଗୁହାଳରେ ଆଶ୍ରୟ ନେଇଥିଲେ । ହେଲେ ପ୍ରଶାସନ ନିକଟରେ ଏ ନେଇ କୌଣସି ସୂଚନା ନ ଥିଲା । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ପ୍ରଶାସନିକ ମହଲରେ ହୋଇଥିଲା ହଇଚଇ । ବିଡିଓ ରାଜେନ୍ଦ୍ର ମାଝି ଉକ୍ତ ଗାଁକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ । ସେହିପରି ଗତ ରବିବାର ଭାଜପାର ଏକ ପ୍ରତିନିଧି ଦଳ ମଧ୍ୟ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କ ଦୁର୍ଦ୍ଦଶା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ପରିପ୍ରେକ୍ଷୀରେ ସୋମବାର ରାୟଗଡା ତହସିଲ ପକ୍ଷରୁ ବିପନ୍ନଙ୍କୁ ପଲିଥିନ ବଣ୍ଟାଯାଇଛି । ତହସିଲଦାର ଉମାଶଙ୍କର ବେହେରାଙ୍କ ନେତୃତ୍ୱରେ ରାଜସ୍ୱ ବିଭାଗର ଏକ ଟିମ୍ ଯାଇ ଲୋକଙ୍କୁ ଏହି ପଲିଥିନ ବଣ୍ଟନ କରିଥିଲେ। ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ବାସଗୃହ ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି । ତୁରନ୍ତ ବିପନ୍ନଙ୍କୁ ଆବାସ ଯୋଜନାରେ ସାମିଲ କରା ନ ଗଲେ ଆମରଣ ଅନଶନ କରାଯିବ ବୋଲି ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ଜାତୀୟ ଉପସଭାପତି କାଳୀରାମ ମାଝି ବିଡିଓଙ୍କୁ କହିଛନ୍ତି । ଅନୁଧ୍ୟାନ କରାଯାଇ ସମସ୍ତଙ୍କୁ ଆବାସ ଯୋଜନାରେ ସାମିଲ କରାଯିବ ବୋଲି ବିଡିଓ ରାଜେନ୍ଦ୍ର ମାଝି ସୂଚନା ଦେଇଛନ୍ତି ।

### ଦୋକାନ ଗୃହ ଉଦ୍‌ଘାଟିତ

ଟିକିରି, ୨୭।୮ (ଡି.ଏନ୍.ଏ.)

କାଶିପୁର ବ୍ଲକ ଟିକିରିରେ ଦୋକାନ ଗୃହ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ରାଜ୍ୟସଭା ସଦସ୍ୟ ଏନ. ଭାସ୍କର ରାଓ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଟିକିରି ଲ୍ୟାମ୍ପ୍‌ର ଦୋକାନ ଗୃହ ଉଦ୍‌ଘାଟନ ପରେ କାଶିପୁରଠାରେ ଭାରପ୍ରାପ୍ତ ବିଡ଼ିଓ ବଳରାମ ପାତ୍ର ସହିତ ବିଭାଗୀୟ ଅଧିକାରୀ ଏବଂ ଦଳୀୟ କର୍ମକର୍ତ୍ତା ସହିତ ହେବାକୁ ଥିବା ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମର ସଫଳତା ନେଇ ଆଲୋଚନା କରିଥିଲେ। ରାୟଗଡ଼ା ବିଧାୟକ ଲାଲ ବିହାରୀ ହିମିରିକା , ସମବାୟ ସମିତି ରାଜ୍ୟ ସଭାପତି ହେମନ୍ତ ନାୟକ, ଅନୁସୂୟା ମାଝି, ରାୟଗଡ଼ା ଜିଲା ପରିଷଦ ସଭ୍ୟା ଅମ୍ବିକା ବିଡ଼ିକା, ରାୟଗଡ଼ା ଜିଲା ବିଜେଡି ସାଧାରଣ ସମ୍ପାଦକ ଅମୟ ସ୍ୱାଇଁ, ନଗର ସଭାପତି ସତ୍ୟ ନାରାୟଣ ପାତ୍ର, ତ୍ରିପତି ରାଓ, ଚନ୍ଦ୍ରକାନ୍ତ ସାମଲ, ପାଟ ମାଝି, ମନୋଜ ନାୟକ, ରାଜେନ୍ଦ୍ର ଦୁରିଆ, ପପୁଲାର ମାଝି ଉପସ୍ଥିତ ଥିଲେ।

- ଉକମ୍ବା ଗ୍ରାମରେ ମଦ ମୁକ୍ତି ଦାବି

# ତହସିଲଦାରଙ୍କୁ ଦାବିପତ୍ର

ଗୁଣପୁର,୨୭।୮(ଡି.ଏନ.ଏ)

ରାୟଗଡା ଜିଲା ରାମନାଗୁଡା ବ୍ଲକ ଉକମ୍ବା ଗ୍ରାମରେ ମଦ ମକ୍ତି ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବାରମ୍ବାର ଗ୍ରାମରେ ମଦ ଦୋକାନ ବନ୍ଦ ନେଇ ଦାବି ହୋଇ ଆସୁଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବର୍ତ୍ତମାନ ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଯୋଜନା ହେଉଛି । ଯାହାକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଏହାଦ୍ୱାରା ଗ୍ରାମରେ ଦିନକ ଦିନ ଅଶାନ୍ତି ବଢିବାରେ ଲାଗିଛି । ଉକମ୍ବା ପଞ୍ଚାୟତକୁ ସଂପୂର୍ଣ୍ଣ ମଦ ମୁକ୍ତ କରା ନ ଗଲେ ଅକ୍ଟୋବର ୨ ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ପ୍ରଦୀପ ଦାସ, ବି.କାନ୍ତାରାଓ, ଜି.ଏମ.ରାଓ ପ୍ରମୁଖ ଉପସ୍ଥିତ ଥିଲେ ।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ସୁଦର୍ଶନ



@ ଅନିତା



@ ଗୋପି



@ କୁନା

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ଦକ୍ଷିଣକାଳୀଙ୍କ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

ଗୁଣପୁର,୨୭।୮(ଡି.ଏନ.ଏ)

ଗୁଣପୁର ସହର କାଳୀ ପୂଜା ମଣ୍ଡପଠାରେ ମା' ଦକ୍ଷିଣକାଳୀଙ୍କ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ବି.ଲକ୍ଷ୍ମୀ ନାରାୟଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମା'ଙ୍କ ପୂଜା କିପରି ପାଳନ କରାଯିବ ସେନେଇ ଆଲୋଚନା ହୋଇଥିଲା । ନଭେମ୍ବର ୬ ତାରିଖରେ ମା'ଙ୍କ ପୂଜା ପାଳନ ହେବ । ଏଥିଲାଗି ସେପ୍ଟେମ୍ବର ୧୪ରେ ଶୁଭ ଖୁଣ୍ଟି ସ୍ଥାପନ କରାଯିବ । ରାୟଗଡାର ଦେବୀ ପ୍ରସାଦ କର ପୂଜକ ଭାବେ ଯୋଗଦେଇ ପୂଜା କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ହୋଇଥିଲା । ଚଳିତ ବର୍ଷ ମାଙ୍କ ପୂଜା ଉତ୍ସବ ୧୨ ବର୍ଷରେ ପଦାର୍ପଣ କରିଥିବାବେଳେ ପୂଜା ୭ ଦିନ ବ୍ୟାପୀ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

